# ଅବସର ସମୟ ପରେ ବି ଗାଦି ଛାଡୁନାହାନ୍ତି ଲ୍ୟାମ୍ପସ ଏମ୍‌ଡି

## ଦାୟିତ୍ୱ ହସ୍ତାନ୍ତର, ଦରମା ଭରଣା ନିର୍ଦ୍ଦେଶକୁ ବେଖାତିର

**ସୁନ୍ଦରଗଡ଼, ୧୬ ।୩(ସମିସ):** ୬୦ ବର୍ଷ ଅତିକ୍ରମ କଲା ପରେ ବି ଅବସରଗ୍ରହଣ କରୁ ନ ଥିଲେ। ଏ ନେଇ ବିଭିନ୍ନ ମହଲରୁ ଅଭିଯୋଗ ଆସିବା ପରେ ସମବାୟ ବିଭାଗ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ପତ୍ର ଲେଖିଥିଲେ। ଏପରିକି ଅବସର ସମୟସୀମା ପରେ ନେଇଥିବା ଦରମା ଭରଣା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଥାପି ସେ ବିଭାଗୀୟ ନିର୍ଦ୍ଦେଶକୁ ମାନୁନାହାନ୍ତି। ପୂର୍ବବତ୍ ଲ୍ୟାମ୍ପସ ଏମଡି ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏପରି ଚାଞ୍ଚଲ୍ୟକର ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବ୍ଲକ




ଅନ୍ତର୍ଗତ ବଡ଼ଗାଁ ଲ୍ୟାମ୍ପସରେ। ଜଣେ ତଳିଆ କର୍ମଚାରୀ ଭାବେ ଶଙ୍କରାପୋଷ ଗ୍ରାମର ଭୋଳାନାଥ ପଟେଲ ବଡ଼ଗାଁ ଲ୍ୟାମ୍ପସରେ କାର୍ଯ୍ୟ କରି ଆସୁଥିଲେ। ଦୀର୍ଘଦିନ କାର୍ଯ୍ୟ କରିବା ପରେ ଲ୍ୟାମ୍ପସ ଏମଡି ଭାବେ ତାଙ୍କୁ ପଦୋନ୍ନତି ମିଳିଥିଲା। ସ୍ଥାୟୀ କର୍ମଚାରୀ ଭାବେ ସୁନ୍ଦରଗଡ଼ ସମବାୟ ବିଭାଗରୁ ସେ ଦରମା ପାଉଥିଲେ। ମାତ୍ର ତାଙ୍କୁ ୬୦ ବର୍ଷ ବୟସ ପରେ ଅବସର ଗ୍ରହଣ ନ କରି କାମ କରି ଚାଲିଥିଲେ। ସମବାୟ ବିଭାଗ ମଧ୍ୟ ତାଙ୍କୁ ନିୟମିତ ଦରମା ଦେଇ ଚାଲିଥିଲା। ଏହା ଜଣାପଡ଼ିବା ପରେ ଲୋକେ ସ୍ୱର ଉଠାଇଥିଲେ। ବିଳମ୍ବରେ ହେଲେ ମଧ୍ୟ ସମବାୟ ବିଭାଗ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛି। ଲ୍ୟାମ୍ପସ ପରିଚାଳନା ପରିଷଦ ଜଣେ ଲ୍ୟାମ୍ପସ କର୍ମଚାରୀ ଏମଡି ଦାୟିତ୍ୱ ତୁଲାଇବାକୁ ପ୍ରସ୍ତାବ ଗ୍ରହଣ କରିଛନ୍ତି। ତଥାପି ପଟେଲ ଉକ୍ତ କର୍ମଚାରୀଙ୍କୁ ଦାୟିତ୍ୱ ନ ଦେଇ ଏମଡି ଦାୟିତ୍ୱ ନିର୍ବାହ କରୁଛନ୍ତି। ସମବାୟ ବିଭାଗର ନିର୍ଦ୍ଦେଶନାମା ପ୍ରତି ଭ୍ରୁକ୍ଷେପ କରୁନାହାନ୍ତି। ଫଳରେ ଲ୍ୟାମ୍ପସ ସଭ୍ୟ ସଭ୍ୟାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ପଟେଲଙ୍କୁ ପଚାରିବାରେ ସେ ଅଦ୍ୟାବଧି ଲ୍ୟାମ୍ପସ ଏମଡି ଦାୟିତ୍ୱ ତୁଲାଉଥିବା ସ୍ୱୀକାର କରିଛନ୍ତି। ତେବେ ସେ ସମବାୟ ବିଭାଗରୁ ଦରମା ଗ୍ରହଣ କରୁ ନ ଥିବା ଦର୍ଶାଇଛନ୍ତି। ସୁନ୍ଦରଗଡ଼ ଡିଆରସିଏସ୍ ଉମାକାନ୍ତ ଦାଶଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଲ୍ୟାମ୍ପସ ଏମଡି ଭାବେ ପଦୋନ୍ନତି ପାଉଥିବା ତଳିଆ କର୍ମଚାରୀଙ୍କ ଶିକ୍ଷାଗତ ପ୍ରମାଣପତ୍ର ଲ୍ୟାମ୍ପସ କାର୍ଯ୍ୟାଳୟରେ ରହୁଥିବାରୁ ବଡ଼ଗାଁ ଲ୍ୟାମ୍ପସ ଏମଡି ପଟେଲଙ୍କ ଅବସର ସମୟ ସୀମା ନେଇ ଆମେ ଜାଣିପାରି ନ ଥିଲୁ ବୋଲି କହିଛନ୍ତି। ଏହା ଜଣାପଡ଼ିବା ପରେ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସହ ଅବସର ସମୟ ସୀମା ପରେ ଗ୍ରହଣ କରିଥିବା ଦରମା ଭରଣା କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି।

## ସ୍ତ୍ରୀ, ୨ ଝିଅ ଥାଇ ଦ୍ୱିତୀୟ ବିବାହ

**ସୁନ୍ଦରଗଡ଼,୧୬ ।୩(ସମିସ):** ସୁନ୍ଦରଗଡ଼ ସଦର ଥାନା ଆଲୁଢିପା ଗ୍ରାମର ହରିଲାଲ ଓରାମ (୩୩)ଙ୍କ ସ୍ତ୍ରୀ ଓ ଝିଅ ଥାଇ ସେ ଦ୍ୱିତୀୟ ବିବାହ କରିଥିବା ଅଭିଯୋଗ ହୋଇଛି। ହରିଲାଲଙ୍କ ସ୍ତ୍ରୀ ସୁଶିଳା ଓ ୨ ଝିଅ ଅଛନ୍ତି। ତେବେ ସେ ବିଭିନ୍ନ ସମୟରେ ସୁଶିଳାଙ୍କ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ। ଏଥିରେ ସୁଶିଳା ଅତିଷ୍ଠ ହୋଇ ବାପଘରେ ଆଶ୍ରୟ ନେବା ସୁଯୋଗରେ ହରିଲାଲ ଦ୍ୱିତୀୟ ବିବାହ କରିଛନ୍ତି। ଫଳରେ ସୁଶିଳା ନ୍ୟାୟ ପାଇଁ ଥାନା ଦ୍ୱାରସ୍ଥ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି ଅଭିଯୋଗ

**ସୁନ୍ଦରଗଡ଼, ୧୬ ।୩(ସମିସ):** ସବଡେଗା ବ୍ଲକ କୁମବାହାଲ ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। କେହି ଦୁର୍ବୃତ୍ତ ଦିନ ଦ୍ୱିପ୍ରହରରେ କେନ୍ଦ୍ର ତାଲା ଭାଙ୍ଗି କିଛି ଚାଉଳ ଓ ୨ ପେଟି ଅଣ୍ଡା ଚୋରାଇ ନେଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବାଇକ ଚୋର ଗିରଫ

**ସୁନ୍ଦରଗଡ଼, ୧୬ ।୩(ସମିସ):** ବାଇକ୍ ଚୋରି ଅଭିଯୋଗରେ ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ରାଣୀବଗିଚାର ଆଶିଷ ଡୁଙ୍ଗଡୁଙ୍ଗ (୨୦)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି।

## ଯୁବ ବିଜେଡିର ନୂତନ ସାଙ୍ଗଠନିକ ଜିଲ୍ଲା କମିଟି ଗଠିତ

**ରାଉରକେଲା, ୧୬ ।୩(ସମିସ):** ଯୁବ ବିଜେଡି ରାଉରକେଲା ସାଙ୍ଗଠନିକ ଜିଲ୍ଲା କମିଟି ପୁନର୍ଗଠିତ ହୋଇଛି। ଯୁବ ବିଜେଡି ସଭାପତି ବିଭୂତି ଭୂଷଣ ପୁହଣଙ୍କ ସ୍ୱୀକୃତି କ୍ରମେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭାବେ ରାଜୀବ କୁମାର ପ୍ରତିହାରୀ, ଉପସଭାପତି ପଙ୍କଜ ଜୟସ୍ୱାଲ, ରାଜୀବ ରତନ ଜୟସ୍ୱାଲ, ରାକେଶ ପଣ୍ଡା, ରୋହିତାସ୍ମ ମିଶ୍ର, ତାରିକ ଅଜିଜ ଅନସାରୀ, ନିବେଦିତା ବାଘ, ଅଶୋକ ବିଶ୍ୱକର୍ମା, ଅନୀଲ ସିଂ, ପିରୁ ମୁର୍ମୁ ମନୋନୀତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ସୁଧାଂଶୁ ସାମଲ, ଲକି ସିଂ, ନୀଳକଣ୍ଠ ଦାସ, କେବଲ ଲାଲ ସେଠୀ, ପ୍ରିୟବ୍ରତ ଭଞ୍ଜ, ମୋତିଲାଲ ଲାକ୍ରା, ଶଙ୍କର ତିର୍କୀ, ଆକାଶ କୁମାର ଶେଖରଦେଓ, ଚନ୍ଦନ ବିଶ୍ୱକର୍ମା, ମୁବାରକ ଅନସାରୀ, କାନ୍ଦ୍ର କିଶାନ, ରଜତ ମହାକୁଡ଼, ବିଶ୍ୱଜିତ ଜେନା, ଭରତ ମାହାନ୍ତ, ସତ୍ୟନାରାୟଣ ପ୍ରଧାନ, ସମ୍ପାଦକ ଭାବେ ଯେଗେନ୍ଦ୍ର ସିଂ, ସେରୁ ଶର୍ମା, ନସିମ୍ ଅଖବର, ଆଶୁତୋଷ ଜୟସ୍ୱାଲ, ସୈନାସୀ ଦାସ, ପ୍ରଭାକର ଚୌଧୁରୀ, ବାବୁଲାଲ ରାଜକ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ମହନ୍ତ, କ୍ରିଷ୍ଣା ବେହେରା, ବଣ୍ଟି ଅନସାରୀ, ପ୍ରକାଶ ସାହୁ, ରାହତଦାସ ମୁଣ୍ଡାରୀ, ରାକେଶ ବଡ଼ାଇକ, ଲାଲଜୀ ସିଂ, ବିଜୟ କୁମାର ସାହୁ, ସ୍ୱିକତ ଜେନା, ଭରତ ମାହନ୍ତ, ସତ୍ୟନାରାୟଣ ପ୍ରଧାନ, ଗୌରବ ସାହୁ, ମୌସୁମୀ ଶତପଥୀ, ପ୍ରିୟଙ୍କା ପାଣି, ବୀଣାପାଣି ମହାପାତ୍ର, ପ୍ରତିମା ସାହୁ, ନମିତା ନାୟକ, ପ୍ରତିମା ସାହୁ ମନୋନୀତ ହୋଇଛନ୍ତି। ସୁଜିତ ସାହୁ, ବିଶାଲ ସୋମୁ ଶର୍ମା ସୋସିଆଲ ମିଡିଆ ସଂଯୋଜକ ଭାବେ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳକୁ କ୍ରିୟାଶୀଳ ଓ ସଦୃଢ଼ କରିବା ଲକ୍ଷ୍ୟରେ ଉତ୍ସାହିତ ଯୁବବର୍ଗଙ୍କୁ ଏହି ଗୁରୁ ଦାୟିତ୍ୱ ଦେଇଛନ୍ତି। ଦାୟିତ୍ୱ ଗ୍ରହଣ କରିଥିବା କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼େଇ, ରାଉରକେଲା ବିଧାୟକ ତଥା ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ରାଜ୍ୟ ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ, ରାଜ୍ୟ ଯୁବ-ଛାତ୍ର ବିଜେଡି ଆବାହକ ପ୍ରଣବ ବଳବନ୍ତରାୟ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ରାଉରକେଲା ନଗର ସଭାପତି ଗଗନ ପଣ୍ଡା, ରାଉରକେଲା ଜିଲ୍ଲା ସଭାପତି ହାଲୁ ମୁଣ୍ଡାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଭେଡ଼ାବାହାଲ ଡିଗ୍ରୀ କଲେଜରେ ବିଦାୟ ଉତ୍ସବ




**ସୁନ୍ଦରଗଡ଼, ୧୬ ।୩(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ ଭେଡ଼ାବାହାଲ ଡିଗ୍ରୀ କଲେଜ ଶେଷବର୍ଷ କଳା ଓ ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସମାରୋହରେ ଭେଡ଼ାବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷା ବିଭାଗ ଅଧ୍ୟାପକ ସରୋଜ କୁମାର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକନିଷ୍ଠ ଭାବେ ପାଠ ପଢ଼ି ଭବିଷ୍ୟତରେ ଭଲ ମଣିଷ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ସୌଭାଗ୍ୟ କୁମାର ନାୟକ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା କ୍ରୀତିକା ବେହେରା ସଭା ପରିଚାଳନା କରିଥିବା ବେଳେ ଭାରପ୍ରାପ୍ତ ଅଧ୍ୟକ୍ଷା କଲ୍ୟାଣୀ ରଜକ ସ୍ୱାଗତ ଭାଷଣ ପ୍ରଦାନ ଓ ଅଧ୍ୟାପିକା ବୈଶାଳୀ ପଟେଲ ଧନ୍ୟବାଦ ଦେଇଥିଲେ।

## ନାଳରେ ବୁଡ଼ି ଯୁବକ ମୃତ

**କୁତ୍ରା, ୧୬ ।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା କୁତ୍ରା ପଞ୍ଚାୟତ ଲାଫୁରବେଡ଼ା ଗ୍ରାମରେ ନାଳରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ସଲମାନ ବୁଡ଼ (୨୧)। ଶୁକ୍ରବାର ଅପରାହ୍ନ ୪ଟାରେ ସଲମାନ ଗାଁ ନିକଟ ନାଳକୁ ମାଛ ମାରିବା ପାଇଁ ଯାଇଥିଲେ। ସେ ସନ୍ଧ୍ୟା ପରେ ମଧ୍ୟ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜିବାକୁ ଯାଇ ତାଙ୍କ ସେ ନାଳରେ ଭାସୁଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ କୁତ୍ରା ସରକାରୀ ଡାକ୍ତରଖାନା ନିଆଯାଇଥଇଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୁଲିସ ତଦନ୍ତ କରୁଛି।

### ଆଇଆରଏସ୍ଏମ୍-୨୦୨୪ ଉଦଯାପିତ

## ତାଳଚେର କାଣିହାଁ ପୁରୁଷ ଭଲିବଲ୍ ଏବଂ ମହିଳା ଥ୍ରୋବଲ୍ ଚାମ୍ପିଅନ




**ସୁନ୍ଦରଗଡ଼, ୧୬ ।୩(ସମିସ)**

ଏନଟିପିସି ଦର୍ଲିପାଲି ପକ୍ଷରୁ ୪ଦିନ ଧରି ଆୟୋଜିତ ଇନ୍‌ଟ୍ରା ରିଜିଓନ୍ ସ୍ପୋର୍ଟସ୍ ମିଟ୍ (ଆଇଆରଏସଏମ)-୨୦୨୪ ଉଦ୍‌ଯାପିତ ହୋଇଛି। ଏଥିରେ ତାଳଚେର କାଣିହାଁ ପୁରୁଷ ଭଲିବଲ୍ ଏବଂ ମହିଳା ଥ୍ରୋବଲ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସଂଘର୍ଷପୂର୍ଣ୍ଣ ଉଭୟ ମ୍ୟାଚରେ ଦର୍ଲିପାଲି ଦଳ ଉପ ବିଜେତା ହୋଇଛି। ପୂର୍ବାଞ୍ଚଳ ଜୋନ୍-୨ର ଉତ୍ତର କରଣପୁରା, ତାଳଚେର କଣିହାଁ, ବଙ୍ଗାଇଗାଁ ଏବଂ ଦର୍ଲିପାଲି ଦଳ ଅଂଶଗ୍ରହଣ କରି ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିଲେ। ଏନଟିପିସି ପୂର୍ବାଞ୍ଚଳ ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଦୀପ ନାଗ ଏହାକୁ ଉଦଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ଦର୍ଲିପାଲି ପ୍ରକଳ୍ପ ମୁଖ୍ୟ ଏଚ. ଚକ୍ରବର୍ତ୍ତୀ ଅତିଥି ଭାବେ ଯୋଗଦେଇ କହିଲେ, ଆଇଆରଏସଏମ ହେଉଛି ଏନଟିପିସିର ଏକ ଫ୍ଲାଗସିପ୍ କ୍ରୀଡ଼ା ଉତ୍ସବ, ଯାହା କର୍ମଚାରୀଙ୍କ ମଧ୍ୟରେ କ୍ରୀଡ଼ା କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିଥାଏ। ସେମାନଙ୍କର ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ଫିଟନେସରେ ଏହା ସହାୟକ ହୋଇଥାଏ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୁଲଙ୍ଗା ପ୍ରକଳ୍ପ ମୁଖ୍ୟ କେ. ଚନ୍ଦ୍ରଶେଖରଙ୍କ ସମେତ ଦର୍ଲିପାଲି ଏବଂ ତୁଲଙ୍ଗା ପ୍ରକଳ୍ପର ମାନବ ସମ୍ବଳ ମୁଖ୍ୟ, ଅଭିଳାଷା ଲେଡିଜ୍ କ୍ଲବ ସଭାପତି ତଥା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ବିଜେତା, ଉପବିଜେତା ଏବଂ ଅଂଶଗ୍ରହଣକାରୀଙ୍କୁ ଟ୍ରଫି, ପୁରସ୍କାର ଏବଂ ପଦକ ପ୍ରଦାନ କରାଯାଇଥିଲା।

## କଲେଜରେ ଆତ୍ମସୁରକ୍ଷା ତାଲିମ ଉଦ୍‌ଘାଟିତ

**ସୁନ୍ଦରଗଡ଼, ୧୬ ।୩(ସମିସ)**



ସୁନ୍ଦରଗଡ଼ ସରକାରୀ କଲେଜରେ ଶନିବାର ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ପଟେଲ ଶିବିରକୁ ଉଦଘାଟନ କରି ସାମ୍ପ୍ରତିକ ସମୟରେ ଛାତ୍ରୀମାନଙ୍କ ପାଇଁ ଆତ୍ମସୁରକ୍ଷା ତାଲିମ କେତେ ଆବଶ୍ୟକ ହୋଇପଡ଼ିଛି ସେ ନେଇ ବିସ୍ତୃତ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଣିତ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଆଲୋକ କୁମାର ନାଏକ ଯୋଗଦଦେଇ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା କରାଯାଉଥିବା ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଛାତ୍ରୀମାନେ ଏହି ଶିବିର ମାଧ୍ୟମରେ ଉପକୃତ ହେବା ନେଇ ଆଲୋକପାତ କରିଥିଲେ। ଅର୍ଥନୀତି ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଅନିମା ତିର୍କୀ ଏବଂ ସେକସନ୍ ଅଫିସର ପ୍ରଦୀପ କୁମାର ବହିଦାର ଆତ୍ମସୁରକ୍ଷା ତାଲିମର ଉପଯୋଗିତା ଏବଂ ବିଭିନ୍ନ ଦିଗ ଉପରେ ବୁଝାଇଥିଲେ। ୨୦ ଦିନ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଶିବିରରେ ତିନି ଶହରୁ ଅଧିକ ଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି। ରସାୟନ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ସୁଶାନ୍ତ ଲାକ୍ରା ଶିବିର ସଂଯୋଜନା କରିଥିବା ବେଳେ ପ୍ରଭାସିନୀ ଗଡ଼ିଆ ଏବଂ ମିତା ଧରୁଆ ମାଷ୍ଟର ଟ୍ରେନର ଭାବରେ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିବେ।

## ଶାନ୍ତି ମିଶ୍ର ହତ୍ୟା ମାମଲାର ସାକ୍ଷୀଙ୍କୁ ହତ୍ୟା ଧମକ, ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର, ୧୬ ।୩(ସମିସ)**

ଦୁର୍ଦ୍ଧାନ୍ତ ଅପରାଧି ଶାନ୍ତି ମିଶ୍ର ହତ୍ୟାକାଣ୍ଡ ଘଟଣାର ଜଣେ ସାକ୍ଷୀଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ଗୋଷାଣିନୂଆଗାଁ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ କୌତିକନଗର ତୃତୀୟ ଲାଇନ ନିବାସୀ ସୋନୁ ପାଢ଼ୀ(୩୨) ବୋଲି ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନ ସୂଚନା ଦେଇଛନ୍ତି। ଗିରଫ ସୋନୁଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ୨୦୧୩ ମସିହା ଜାନଆରୀ ୨୯ ତାରିଖରେ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ନିକଟରେ ଦୁର୍ବୃତ୍ତମାନେ ଶାନ୍ତିପ୍ରସାଦ ମିଶ୍ରଙ୍କୁ ଗୋଡ଼ାଇ ଗୋଡ଼ାଇ ବୋମାମାଡ କରି ଓ ପରେ ଖଣ୍ଡାରେ ହାଣି ହତ୍ୟାକରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାରେ ଏକାଧିକ ସାକ୍ଷୀଙ୍କ ମଧ୍ୟରୁ ଅନିଲ କୁମାର ନାୟକ ଅନ୍ୟତମ ସାକ୍ଷୀ ଅଟନ୍ତି। ଗତ ୧୪ତାରିଖରେ ଅନିଲ କୁମାର ନାୟକଙ୍କୁ ଏକ ମୋବାଇଲ ନମ୍ବରରୁ ଫୋନ ଆସିଥିଲା। ଫୋନ କରିଥିବା ଯୁବକ ଜଣକ ସୋନୁ ପାଢ଼ୀ ବୋଲି ନିଜର ପରିଚୟ ଦେଇ ଅନିଲଙ୍କୁ ବିଭିନ୍ନ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା ବୋଲି ଅନିଲଙ୍କ ପତ୍ନୀ ଗୋଷାଣିନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାର ତଦନ୍ତ କରି ଏସଆଇ ରଞ୍ଜିତ କୁମାର ରାଉଳ ଅଭିଯୁକ୍ତ ସୋନୁକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସେହିପରି ଗତ ୧୫ତାରିଖରେ ସୋନୁ ନିଜ ବୃଦ୍ଧା ଆଇ ଉର୍ମିଳା ସାହୁ(୮୦)ଙ୍କୁ ମାରପିଟ କରିବା ସହ ଟଙ୍କା ମାଗିଥିଲା। ଟଙ୍କା ଦେବାକୁ ଆଇ ମନା କରିବା ଫଳରେ ସୋନୁ ଉତକ୍ଷିପ୍ତ ହୋଇ ନିଜ ଆଇକୁ ମାରପିଟ କରିଥିଲା। ଆକ୍ରମଣରେ ଉର୍ମିଳା ଆହତ ହୋଇଥିଲେ। ପରେ ଘଟଣାକୁ ନେଇ ଉର୍ମିଳା ଗୋଷାଣିନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉର୍ମିଳାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଆଉ ଏକ ମାମଲା ରୁଜୁ କରିଥିଲା।

### ଅଟୋଚାଳକଙ୍କୁ ଅପହରଣ

## ଜଙ୍ଗଲରେ ଉଲଗ୍ନ କରି ନିର୍ଘୁମ ଛେଚିଲେ

**ବ୍ରହ୍ମପୁର, ୧୬ ।୩(ସମିସ):** ବଡବଜାର ଥାନା ଅଞ୍ଚଳରେ ଜଣେ ଅଟୋ ଚାଳକଙ୍କୁ ଲୋଚାପଡ଼ା ଅଞ୍ଚଳରୁ କିଛି ଦୁର୍ବୃତ୍ତ ଅପହରଣ କରି ନେଇ ନିର୍ଘୁମ ମାଡ଼ ମାରିଥିବା ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ବଡବଜାର ଥାନା ଅନ୍ତର୍ଗତ ଗୌଡ଼ ସାହି ନିବାସୀ ଟୁକୁନା ବେହେରା ଜଣେ ଅଟୋ ଚାଳକ (୩୪)। ସେ ଗତ ୧୪ତାରିଖରେ ନିଜ ବଡ ଭଉଣୀଙ୍କ ଘରକୁ ଯାଉଥିବା ବେଳେ ଲୋଚାପଡ଼ା ଅଞ୍ଚଳରେ ସେହିଗ୍ରାମର କାଁହୁ ବେହେରା, ନାନୁ ଓ ମନାସି ବେହେରା ଅଟୋକୁ ଅଟକାଇ ମାରପିଟ କରିଥିଲେ। ପରେ ଅଟୋ ଚାଳକ ଟୁକୁନାକୁ ଅପହରଣ କରି ନେଇ ଟାମଣା ଜଙ୍ଗଲକୁ ନେଇ ଯାଇଥିଲେ। ସେଠାରେ ଟୁକୁନାକୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଏକ ଧାରୁଆ ଅସ୍ତ୍ରରେ ମାରପିଟ କରିଥିଲେ। ଏବଂ ଟୁକୁନାଙ୍କ ଅଟୋ ଓ ମୋବାଇଲକୁ ଭଙ୍ଗାରୁଜା କରିବା ସହ ତାଙ୍କ ଠାରୁ ମନିପର୍ସ ଛଡ଼ାଇ ନେଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଟୁକୁନା ଗୁରୁତର ଅବସ୍ଥାରେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ବର୍ତ୍ତମାନ ମେଡ଼ିକାଲରେ ଅଟୋଚାଳକ ଟୁକୁନାଙ୍କ ଚିକିତ୍ସା ଜାରି ରହିଥିବାବେଳେ ଘଟଣାକୁ ନେଇ ଟୁକୁନାଙ୍କ ବାପା କୁନୁ ବେହେରା ନିମଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଅଖିଳ ଭାରତୀୟ ଅଘରିଆ ସମାଜ ବାର୍ଷିକ ସମ୍ମିଳନୀର ତୃତୀୟ ଦିବସ

**ସୁନ୍ଦରଗଡ଼, ୧୬ ।୩(ସମିସ)**






ଅଖିଳ ଭାରତୀୟ ଅଘରିଆ ସମାଜ ଗାଙ୍ଗପୁର ଅଞ୍ଚଳ କୁର୍ଗା ମଣ୍ଡଳ ଅନ୍ତର୍ଗତ ଗମ୍ଭାରିଡିହି ଗୁଡ଼ିର ଗମ୍ଭାରିଡିହି ଗ୍ରାମରେ ଚାଲିଥିବା ଆଞ୍ଚଳିକସ୍ତରୀୟ ତୃତୀୟ ବାର୍ଷିକ ସମ୍ମିଳନୀର ତୃତୀୟ ଦିବସ କାର୍ଯ୍ୟକ୍ରମ ଶନିବାର ଆୟୋଜିତ ହୋଇଛି। ଆଞ୍ଚଳିକ ସଭାପତି ପ୍ୟାରୀମୋହନ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ଅଧିବେଶନରେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ସଂଗଠନ ତଥା ପ୍ରଗତି ଉପରେ ଦିଗଦର୍ଶନ ଦେଇଥିଲେ। ସମାଜର ମୁଖ୍ୟ ନିର୍ବାଚନ ଅଧିକାରୀ ଦୁର୍ଗାମାଧବ ପଟେଲ, ଯଶୋବନ୍ତ ନାଏକ, ସ୍ନେହଲତା ପଟେଲ, ସୁଷମା ପଟେଲ, ଜୀବେଶ୍ୱରୀ ପଟେଲ ପ୍ରମୁଖ ସମାଜର ସାମଗ୍ରୀକ ବିକାଶ ଦିଗରେ ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। ପ୍ରତ୍ୟାଶା ପଟେଲ ସୁଶ୍ରୀ ଓଡ଼ିଶା ସମ୍ମାନ-୨୦୨୨ ପାଇଥିବାରୁ ସମାଜ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦ୍ର ସମ୍ପାଦକ ସନାତନ ପଟେଲ, ପୂର୍ବତନ ସଭାପତି ଗଙ୍ଗାଧର ପଟେଲ, ଲଇଡ଼ା ଅଞ୍ଚଳର କବିର ଚରଣ ନାଏକ, ରାଉରକେଲା ମଣ୍ଡଳ ସଭାପତି ଗୋଲାପ ଚନ୍ଦ୍ର ପଟେଲ, ଅଞ୍ଚଳ ସମ୍ପାଦକ ଦେବେନ୍ଦ୍ର ପଟେଲ, ମୁରଲୀ ନାଏକ, ସଦର ମଣ୍ଡଳ ସଭାପତି ପ୍ରଦୀପ ନାଏକ, ସମ୍ପାଦକ ଭିକାରୀ ଚରଣ ଚୌଧୁରୀଙ୍କ ସମେତ ଏହି ଅଞ୍ଚଳ ଅଧୀନରେ ଥିବା ୨୫ଟି ଗୁଡ଼ି ସଭାପତିମାନେ ନିଜ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ସମାଜର ମହିଳା ସମ୍ମିଳନୀ କରାଯାଇଥିଲା। ଏଥିରେ ସମାଜ ପ୍ରତି ମହିଳାଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ଆଲୋଚନା ହୋଇଥିଲା। ସୁବାସ ଚନ୍ଦ୍ର ପଟେଲ ସଭା ପରିଚାଳନା କରିଥିଲେ। ଅଭ୍ୟର୍ଥନା କମିଟି ସଭାପତି ଜଗନ୍ନାଥ ପଟେଲ, ଭୋପାଳ ଚନ୍ଦ୍ର ପଟେଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅଞ୍ଚଳ ଅଧୀନ ସମସ୍ତ ଗ୍ରାମରୁ ସହସ୍ରାଧିକ ମହିଳା ଓ ପୁରୁଷ ଯୋଗ ଦେଉଛନ୍ତି। ରବିବାର ଏହା ଉଦଯାପିତ ହେବ।

# ଜୟଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଆସିଲେନି ପୁରୁଣା ବନ୍ଧୁ

**ସମ୍ବଲପୁର, ୧୬।୩(ସମିସ)**

ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରାୟ ୧୦ମାସ ବ୍ୟବଧାନ ପରେ ନିଜ ନିର୍ବାଚନମଣ୍ଡଳୀକୁ ଫେରିଛନ୍ତି। ସେ ସମ୍ବଲପୁର ଆସିବା ପରେ ସମର୍ଥକମାନେ ତାଙ୍କୁ ସ୍ୱାଗତ କରିଥିବା ବେଳେ ଅନ୍ୟ ଗୋଷ୍ଠୀ ପାଖକୁ ଯାଇ ନ ଥିବା ଦେଖାଯାଇଛି। ଶ୍ରୀ ମିଶ୍ରଙ୍କ ଅଞ୍ଚଳକୁ ଫେରିବା ଖୁସିରେ ଶନିବାର ଦଳୀୟ କର୍ମକର୍ତ୍ତାଙ୍କୁ ନେଇ କଚେରୀସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବିଧାୟକ ଜୟ ଆୟୋଜନ କରିଥିଲେ। ହେଲେ ଏହି ବନ୍ଧୁମିଳନରେ ପୂର୍ବରୁ ଜୟଙ୍କ ଅନୁଗତ କୁହାଯାଉଥିବା ପୁରୁଣା ବନ୍ଧୁମାନେ ଅନୁପସ୍ଥିତ ରହିଥିଲେ। ଯାହାକି ଆଜି ପ୍ରମୁଖ ଚର୍ଚ୍ଚାର ବିଷୟ ହୋଇଛି। ଜୟଙ୍କ ପୁରୁଣା ବନ୍ଧୁ ତଥା ବିଜେପି ଜିଲ୍ଲା ସଭାପତି ଗିରୀଶ ପଟେଲ, ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝୀଙ୍କ ଭଳି ଦଳର ବହୁ ପଦାଧିକାରୀ ଜୟଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇ ନ ଥିଲେ। ଯାହାକୁ ନେଇ ଦଳୀୟ ରାଜନୀତି ସରଗରମ ହୋଇଛି। ବିରୋଧୀ ଏହାକୁ ନେଇ ଜୟଙ୍କ ପରାଜୟର ଏହା ସଂକେତ ବୋଲି ଆଲୋଚନା କରୁଛନ୍ତି। ଶୁଣାଯାଉଛି, ଜୟଙ୍କ ସମର୍ଥକମାନେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏଥିପାଇଁ ସମସ୍ତଙ୍କୁ ସୂଚନା ଦିଆଯାଇଥିଲା। ଦଳୀୟ ଅଫିସରେ କାର୍ଯ୍ୟକ୍ରମ ହୋଇଥିଲା। ସମର୍ଥକମାନେ ଆସି ଜୟଙ୍କୁ ଭେଟି ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକଥା ପଚାରିବା ବୁଝିବା ସହ ଦଳୀୟ ସଂଗଠନ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଗିରୀଶଙ୍କ ସମେତ ଅନ୍ୟ କେତେକ ଜିଲ୍ଲାସ୍ତରର ପଦାଧିକାରୀ ଅନୁପସ୍ଥିତ ରହିଥିଲେ। ଶୁଣାଯାଉଛି ଜିଲ୍ଲା ସଭାପତି ଗିରୀଶ ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଭାବେ ଆଶାୟୀ ଅଛନ୍ତି। ଜୟଙ୍କ ଅନୁପସ୍ଥିତିରେ କିଛି ଦିନ ହେଲା ସେ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସଭାସମିତି କରି ଅତିଥି ମଧ୍ୟ ହେଉଛନ୍ତି। ସେହିପରି ଜୟଙ୍କ ଅନୁପସ୍ଥିତିରେ ତାଙ୍କ ଝିଅ ଶୁଭଶ୍ରୀ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ କରି ଅତିଥି ହେଉଥିଲେ। ଯେଉଁଠାରେ ଶୁଭଶ୍ରୀ ଅତିଥି ହେଉଥିଲେ ସେଠାରୁ ଗିରୀଶ ବିଭିନ୍ନ ବାହାନା କରି ଛାଡ଼ି ଚାଲି ଯାଉଥିଲେ। ସହରରେ ବାରମ୍ବାର ଏଭଳି ଘଟଣା ଘଟିବା ଦ୍ୱାରା ବିଜେପି ଗୋଷ୍ଠୀ ବିବାଦ ପଦାରେ ପଡ଼ିଛି। ସମ୍ବଲପୁର ବିଧାନସଭା ବିଜେପି ହାତରେ ରହିଛି। ହେଲେ ନିର୍ବାଚନ ପୂର୍ବରୁ ଏଭଳି ଗୋଷ୍ଠୀ ବିବାଦ ରାଜ୍ୟ ତଥା କେନ୍ଦ୍ରୀୟ ନେତାଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଦୁଇଗୋଷ୍ଠୀ ସମାନ୍ତରାଳ ଭାବେ କାର୍ଯ୍ୟକ୍ରମ କରି ଆସୁଛନ୍ତି। ହୀରାକୁଦରେ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ହୋଇଥିଲା। ଶୁଭଶ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଷ୍ଟେଜ୍ ନିକଟକୁ ପହଞ୍ଚିବା କ୍ଷଣି ସେଠାରୁ ଜିଲ୍ଲା ସଭାପତି ଗିରୀଶ ତୁରନ୍ତ ତଳକୁ ଓହ୍ଲାଇ ଯାଇଥିଲେ। ସେହିପରି କମିସନର କଲୋନୀ ପଡ଼ିଆରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅନୁରୂପ ଅବସ୍ଥା ଦେଖାଯାଇଥିଲା। ଶୁଭଶ୍ରୀ ଓ ଗିରୀଶ ଉଭୟଙ୍କୁ ଅତିଥି ରୂପେ ନିମନ୍ତ୍ରିତ କରାଯାଇଥିଲା। ତେବେ ସେଠାରେ ମଧ୍ୟ ଶୁଭଶ୍ରୀ ପହଞ୍ଚିବା କ୍ଷଣି ଗିରୀଶ ଚାଲି ଯାଇଥିଲେ। ତିନି ଛାମୁଆ ନେତା ଜୟଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ନ ଆସିବା ଦଳର ଛବି ଖରାପ କରିଥିବା କୁହାଯାଉଛି। ଏସବୁ ଘଟଣା ପରେ ଦଳରେ ଜୟଙ୍କ ସ୍ଥିତି ଦୁର୍ବଳ ହେଉଥିବା କୁହାଯାଉଛି। ନିଜ ଦଳରେ ଯେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବାହାରିବା ବନ୍ଧୁମିଳନ କାର୍ଯ୍ୟକ୍ରମରୁ ସ୍ପଷ୍ଟ ହୋଇଛି।



**● ଜିଲ୍ଲା, ଯୁବ, ମହିଳା ସଭାପତି ଅନୁପସ୍ଥିତ**
**● ପଦାରେ ପଡୁଛି ବିଜେପି ଗୋଷ୍ଠୀକନ୍ଦଳ**

# ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଘୁନଘୁଟିପଡ଼ା ବିସ୍ଥାପିତ



**ସମ୍ବଲପୁର, ୧୬।୩(ସମିସ):** ସମଲେଇ ପ୍ରକଳ୍ପରେ ବିସ୍ଥାପିତ ହୋଇଥିବା ଘୁନଘୁଟିପଡ଼ାବାସୀଙ୍କ ସମସ୍ୟା ଲାଗିରହିଛି। କ୍ଷତିପୂରଣ ଓ ବିସ୍ଥାପିତ ନିୟମ ଅନୁସାରେ କେତେକ ପରିବାରକୁ ବାଦ୍ ଦିଆଯାଇଥିବାରୁ ସେମାନେ ବାଧ୍ୟ ହୋଇ ଆନ୍ଦୋଳନମୁହାଁ ହୋଇଛନ୍ତି। ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ପ୍ରାୟ ୬୫ଦିନର ଆନ୍ଦୋଳନ ପରେ ସମସ୍ୟାର ସମାଧାନ ନ ହେବାରୁ ସେମାନେ ଶେଷରେ ଜିଲ୍ଲାପାଳଙ୍କ ଅଫିସ୍ ପରିସରକୁ ପଶି ଆନ୍ଦୋଳନରେ ବସିଛନ୍ତି। ପିଲାଛୁଆମାନଙ୍କୁ ନେଇ ମହିଳା ଓ ପୁରୁଷମାନେ ଦିନରାତି ଆନ୍ଦୋଳନ କରିଆସୁଛନ୍ତି। ପ୍ରଶାସନିକ ସ୍ତରରେ ଅନେକ ଥର ଆଲୋଚନା କରାଯାଇଛି ହେଲେ ସଫଳ ହୋଇପାରି ନାହିଁ। ସେମାନଙ୍କ ଅଭିଯୋଗ ଅନୁସାରେ, ସମଲେଇ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ୨୪୪ପରିବାରକୁ ସରକାରୀ ନିୟମ ଅନୁସାରେ ଧାର୍ଯ୍ୟ କ୍ଷତିପୂରଣ ସହ ୬୪୦ବର୍ଗଫୁଟ୍ ଜମି ପ୍ରଦାନ କରାଯାଇଛି। ତେବେ କ୍ଷତିପୂରଣ ପ୍ରଦାନରେ ପାତରଅନ୍ତର କରାଯାଇଛି ଏବଂ କେତେକ ପରିବାରକୁ ବାଦ୍ ଦିଆଯାଇଥିବା ଅଭିଯୋଗରେ ଜାନୁଆରୀ ୧୦ତାରିଖରୁ ସେମାନେ ଆନ୍ଦୋଳନ କରିଆସୁଛନ୍ତି। ୧୦ଲକ୍ଷ ଟଙ୍କା କ୍ଷତିପୂରଣ, ମାସିକ ୧୨ହଜାର ଟଙ୍କା ପ୍ରଦାନ, ଘର ସାମଗ୍ରୀ ପରିବହନ ବାବଦକୁ ୧ଲକ୍ଷ ଟଙ୍କା ପ୍ରଦାନ ଓ ଘୁନଘୁଟିପଡ଼ାର ବାଦ୍ ପଡ଼ିଥିବା ୨୮ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଆନ୍ଦୋଳନକାରୀଙ୍କ ଦାବି ରହିଛି। ଦଳିତ ପରିବାରଙ୍କୁ ଗୃହ ନିର୍ମାଣ ସହାୟତା ରାଶି ୩ଲକ୍ଷ ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ ୨୦ଲକ୍ଷ ଟଙ୍କା ଦିଆଯାଇଛି। ପୁଣି ଦଳିତ ପରିବାରକୁ ସାମଗ୍ରୀ ନେବାଆଣିବା ନିମନ୍ତେ ପରିବହନ ଖର୍ଚ୍ଚ ୧୦ହଜାର ଟଙ୍କା ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ ୧ ଲକ୍ଷ ଟଙ୍କା ଦିଆଯାଇ ପାତରଅନ୍ତର କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି କେତେକ ପରିବାରକୁ ୬ମାସର ଘରଭଡ଼ା ବାବଦକୁ ମାତ୍ର ୧୫ହଜାର ଓ ଅନ୍ୟମାନଙ୍କୁ ୧ଲକ୍ଷ ୪୪ ହଜାର ଟଙ୍କା ଦିଆଯାଇଛି। ଥଇଥାନ ବେଳେ କେତେକଙ୍କୁ ୬୪୦ବର୍ଗଫୁଟ୍ ଓ ଅନ୍ୟ କେତେକଙ୍କୁ ୧୨୦୦ବର୍ଗଫୁଟ୍ ଯୋଗାଇ ଦିଆଯାଇଛି। ଏପରି ପାତରଅନ୍ତର ଅଭିଯୋଗରେ ଘୁନଘୁଟିପଡ଼ାବାସୀ ଆନ୍ଦୋଳନ ଜାରି ରଖିଛନ୍ତି। ନେତାଙ୍କ ଠାରୁ ଅଧିକାରୀ ପର୍ଯ୍ୟନ୍ତ ଭେଟି ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇସାରିଛନ୍ତି। ହେଲେ ଦୁଇମାସରୁ ଅଧିକ ସମୟ ବିତିବା ପରେ ମଧ୍ୟ ସେମାନଙ୍କ ଦାବି ପୂରଣ ହୋଇପାରି ନାହିଁ। ଘୁନଘୁଟିପଡ଼ାରୁ ବିସ୍ଥାପିତ ପରିବାର ନିର୍ବାଚନ ସମୟରେ ଭୋଟ୍ ଦେବେ ନାହିଁ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।

**୬୫ଦିନର ଆନ୍ଦୋଳନ ପରେ ବି ସମସ୍ୟା ସମାଧାନ କରିପାରୁନି ପ୍ରଶାସନ**

# ସମ୍ବଲପୁରର ଚିତ୍ରଶିଳ୍ପୀ ଅନିଲଙ୍କ ଦୁବାଇରେ ଯାଦୁ

**ବୁର୍ଲା, ୧୬।୩(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ଅଧିନରେ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ଓଡ଼ିଶାର ୧୫ଜଣ ଜନଜାତି ଚିତ୍ରଶିଳ୍ପୀ ଦୁବାଇ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ତନ୍ମଧ୍ୟରେ ବୁର୍ଲା ସମ୍ବଲପୁରର ଯୁବ ଚିତ୍ରଶିଳ୍ପୀ ଅନିଲ କେରକେଟା ରହିଛନ୍ତି। ସେଠାରେ ସେ ନିଜର ପ୍ରତିଭା ପ୍ରଦର୍ଶନ କରି ବେଶ୍ ପ୍ରଶଂସା ଲାଭ କରିଛନ୍ତି। ୧୪ ତାରିଖ ଦୁବାଇ ଠାରେ ଭାରତର କନ୍‌ସୁଲେଟ୍ ଜେନେରାଲ ସତୀଶ କୁମାର ଶିବମ, ଏକାଡେମୀର ସଭାପତି, ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଓ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ଏହାର ଉଦ୍‌ଘାଟନ କରିଥିଲେ। ପ୍ରଥମ ଥର କରି ଓଡ଼ିଶାର ଜନଜାତି ଚିତ୍ରଶିଳ୍ପୀମାନେ ଓଡ଼ିଶାର ସୁପ୍ରସିଦ୍ଧ ସୌରା ଚିତ୍ର, ସାନ୍ତାଳ, କନ୍ଧ, ହୋ ଓ କୋଲହ ଆଦି ସମ୍ପ୍ରଦାୟର ଚିତ୍ର ଅଙ୍କନ କରିଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ହେଉଥିବା ଏହି ଶିବିରକୁ ଏକାଡେମୀର ସଚିବ ପଞ୍ଚାନନ ସାମଲ ପରିଚାଳନା କରିଛନ୍ତି। ସୂଚନାଯୋଗ୍ୟ, ଚିତ୍ରଶିଳ୍ପୀ ଅନିଲ କେରକେଟା ପୂର୍ବରୁ ଅନେକ ଜିଲ୍ଲା, ରାଜ୍ୟ ତଥା ଜାତୀୟସ୍ତରୀୟ କର୍ମଶାଳା, ସେମିନାର, ପ୍ରଦର୍ଶନୀରେ ଅଂଶଗ୍ରହଣ କରି ସୁନାମ ଅର୍ଜନ କରିସାରିଛନ୍ତି।



# ବିଭିନ୍ନ ରାସ୍ତା ପାଇଁ ଭିତ୍ତିପ୍ରସ୍ତର

**ରେଢ଼ାଖୋଲ, ୧୬।୩(ସମିସ):** ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତର ବିଭିନ୍ନ ସ୍ଥାନରେ ଶନିବାର ରେଢ଼ାଖୋଲ ବିଧାୟକ ତଥା ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ୧୧ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ମୋଚିବାହାଲ ଗ୍ରାମପଞ୍ଚାୟତର ସାଇବେର୍ଣ୍ଣି ଗ୍ରାମଠାରୁ ସାତସମା ରାସ୍ତା, ୮କୋଟି ଟଙ୍କା ବ୍ୟୟରେ ତ୍ରିବଣପୁର ଗ୍ରାମ ପଞ୍ଚାୟତର ଗୋବିନ୍ଦପୁର ଗ୍ରାମଠାରୁ ସୋନପୁର ଜିଲ୍ଲା ସୀମା ପର୍ଯ୍ୟନ୍ତ ରାସ୍ତା, ୧୦କୋଟି ଟଙ୍କା ବ୍ୟୟରେ ରାମପୁର ଗୋବିନ୍ଦପୁର ଗ୍ରାମଠାରୁ ତ୍ରିବଣପୁର ଗ୍ରାମ ପର୍ଯ୍ୟନ୍ତ ରାସ୍ତା ବିଧାୟକ ରୋହିତ ପୂଜାରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। ଏହି ଅବସରରେ ରେଢ଼ାଖୋଲ ବ୍ଲକ ବିଜେଡ଼ି ସଭାପତି ଉଦିତ ତ୍ରିପାଠୀ, ବିଜେଡ଼ି ଯୁବ ସଭାପତି ସୂର୍ଯ୍ୟକାନ୍ତ ପ୍ରଧାନ, ହିମାଦ୍ରି ସାହୁ, ଶ୍ରୀଧର ପ୍ରଧାନ, ଆତ୍ମଜ ନାଏକ, ଘନଶ୍ୟାମ ପ୍ରଧାନ, ରମାକାନ୍ତ ନନ୍ଦ, ସୌମେନ୍ଦ୍ରୀ ଜେନା, ହରିହର ରଣା, ସରୋଜ ସାହୁ, ଅଜିତ ଦେଓ, ଗୋବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ତାଲିମ ଓ ପରୀକ୍ଷଣ ଶିବିର

**କୁଚିଣ୍ଡା, ୧୬।୩(ସମିସ):** ସମନ୍ୱିତ ୱାଡି ପ୍ରକଳ୍ପ ଲଇମୁରା ପକ୍ଷରୁ ନାବାର୍ଡ ସହାୟତା ଓ ସାର୍କର ପରିଚାଳନାରେ ଆଜି ପାରକୋଷି ପଞ୍ଚାୟତର ରୁକୁଡ଼ା ଓ ଡୁରିଜଙ୍ଗଲ ଠାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ତାଲିମ ଏବଂ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରାଯିବା ସହିତ ଶହେରୁ ଊର୍ଦ୍ଧ୍ୱ ରୋଗୀଙ୍କ ପରୀକ୍ଷା କରାଯାଇ ନିଶୁଳ୍କ ଔଷଧ ଦିଆଯାଇଥିଲା। ପ୍ରାରମ୍ଭରେ ସାର୍କର ସଂପାଦକ ଅଶୋକ କୁମାର ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚିକିତ୍ସକ ଡା.ରାଜାରାମ ଷଡଙ୍ଗୀ ଓ ତାଲିମ ପ୍ରଶିକ୍ଷକ ଜୀବର୍ଦ୍ଧନ କ୍ଷେତୀ ଶିବିରରେ ତାଲିମ ପ୍ରଦାନ କରି ସୁସ୍ଥ ଜୀବନଶୈଳୀ ଉପରେ ବୁଝାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଡା.ଷଡଙ୍ଗୀ ସ୍ୱାସ୍ଥ୍ୟ ପରୀକ୍ଷା କରି ନିଶୁଳ୍କ ଔଷଧ ବଣ୍ଟନ କରିଥିଲେ। ଆୟୋଜିତ ଶିବିରକୁ ପ୍ରକଳ୍ପ ଯୋଜନା ପ୍ରବନ୍ଧକ ଲୋକନାଥ କଉଡି, ପ୍ରକଳ୍ପ ସଂଯୋଜକ ସୁରେନ୍ଦ୍ର ଭୋଇ, ଡିଏଲ୍‌ଡବ୍ଲ୍ୟୁ ବିକାଶ ରଞ୍ଜନ ଭୋଇ ପରିଚାଳନା କରିଥିଲେ।




# ଏଲ୍‌ଏନ୍‌ଟି ପକ୍ଷରୁ ପାନୀୟ ଜଳ ପ୍ରକଳ୍ପ



**ରେଙ୍ଗାଲି, ୧୬।୩(ସମିସ):** ଗ୍ରୀଷ୍ମର ପ୍ରକୋପକୁ ଦୃଷ୍ଟିରେ ରଖି ତଥା ଛାତ୍ରଛାତ୍ରୀଙ୍କୁ ଉତ୍ତମ ମାନର ପାନୀୟ ଜଳ ଯୋଗାଣ ଦେବା ପାଇଁ ଏଲ୍‌ଏନ୍‌ଟି ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ପକ୍ଷରୁ ବିଭିନ୍ନ ବିଦ୍ୟାଳୟ ଜଳ ଯୋଗାଣ ପ୍ରକଳ୍ପ ହୋଇଯାଇଛି। ରେଙ୍ଗାଲି ରାମଚନ୍ଦ୍ର ନଗର, ପୁରୁଣା ବସ୍ତି, ନୁଆଁଖୁରୀଗାଁ, ଭାଲୁବାହାଲ ବିଦ୍ୟାଳୟ ମାନଙ୍କରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଏହାର ଉଦଘାଟନ ଅବସରରେ ଜିଲ୍ଲା ପଞ୍ଚାୟତ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଟୁନୁ ମେହେର, ଏଲ୍‌ଏନ୍‌ଟି ର ପ୍ରକଳ୍ପ ମୁଖ୍ୟ ଦେବେନ୍ଦ୍ର ବାରିକ ଏବଂ ପ୍ରତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଟୋଲ ଅଧିକାରୀ ରବି ପାଣ୍ଡେ, ଜିତେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏଲ୍‌ଏନ୍‌ଟିର ମାର୍ଗ ସୁରକ୍ଷା ଅଧିକାରୀ ମନୋଜ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ।

# ପ୍ରସିଦ୍ଧ ହୁମା ଶିବରାତ୍ରି ମେଳା ଉଦ୍‌ଯାପିତ

**ମାନେଶ୍ୱର, ୧୬।୩(ସମିସ):** ମାନେଶ୍ୱର ବ୍ଲକ ହୁମାରେ ସାତଦିନ ଧରି ଚାଲିଥିବା ପ୍ରସିଦ୍ଧ ଶିବରାତ୍ରି ମେଳା ଉଦ୍‌ଯାପିତ ହୋଇଛି। ଏହା ଶିବରାତ୍ରି ଦିନରୁ ସାତଦିନ ଧରି ଚାଲିଥିଲା। ମେଳାକୁ ପ୍ରତ୍ୟେକ ଦିନ ଦୂରଦୂରାନ୍ତରରୁ ହଜାର ହଜାର ସଂଖ୍ୟାରେ ଲୋକ ଆସି କିଣାବିକା ସହ ବାବା ବିମ୍ବଲେଶ୍ୱରଙ୍କ ଦର୍ଶନ, ମତ୍ସ୍ୟ ଘାଟରେ ମାଛମାନଙ୍କୁ ଲଡ୍ଡୁ ଖୁଆଇବା ଓ ନୌକା ବିହାରର ମଜା ଉଠାଇଥିଲେ। ଏହିବର୍ଷ ଦୁଇଶହରୁ ଅଧିକ ବେପାରୀ ନିଜ ଦୋକାନ ଲଗାଇଥିଲେ ବୋଲି କମିଟି ସଭାପତି ଦିଲ୍ଲୀପ ମହାପାତ୍ର ପ୍ରକାଶ କରିଛନ୍ତି। ଅଞ୍ଚଳର ଲୋକେ ବିବାହ ସାମଗ୍ରୀ ଏବଂ ବିଭିନ୍ନ ବ୍ୟବହାର ସାମଗ୍ରୀ ଏହି ବଜାରରୁ କିଣିଥାନ୍ତି। ଏଠାରେ ବିଭିନ୍ନ ସାମଗ୍ରୀ ଶସ୍ତାରେ ମିଳିଥାଏ। ରାଉରକେଲାର ସୁରେଶ, କଟକର ନିରଞ୍ଜନ ଦାସ, ବିହାରର ମନୋଜ ସାହୁ, ବନାରସର ଶ୍ୟାମ ବାବୁ ପ୍ରସାଦ, ସମ୍ବଲପୁରର ରସିଦ ଖାନ ଭାର୍ଷି, ଧନୁପାଲିର ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ଦୋକାନୀଙ୍କ କହିବା ଅନୁସାରେ ଅନ୍ୟବର୍ଷ ଅପେକ୍ଷା ଏବର୍ଷ ଭିଡ଼ କମ ହେବା ସହ ବିକ୍ରି ମଧ୍ୟ କମିଯାଇଥିଲା। ମେଳାର ସମସ୍ତ ବ୍ୟବସ୍ଥା କମିଟି ଦ୍ୱାରା ପରିଚାଳିତ ହେଉଥିଲା। କମିଟି ପକ୍ଷରୁ ଦୋକାନୀଙ୍କୁ ବିଜୁଳି ଓ ପିଇବା ପାଣି ଯୋଗାଇ ଦିଆଯାଇଥିଲା। ଧମା ପୁଲିସ ଦ୍ୱାରା ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। କାଁଭାଁ ଛୋଟମୋଟ ଚୋରି ଘଟଣା ଛାଡ଼ିଦେଲେ ଶାନ୍ତିଶୃଙ୍ଖଳାରେ ମେଳା ପରିଚାଳିତ ହୋଇଥିଲା। କମିଟି ସଭାପତି ଦିଲ୍ଲୀପ ମହାପାତ୍ର, ଉପସଭାପତି ରାଧାକୃଷ୍ଣ ପଣ୍ଡା, ସମ୍ପାଦକ ସୁଜିତ ସାହୁଙ୍କ ସହ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ମେଳାର ତଦାରଖ କରିଥିଲେ।



# ରେଙ୍ଗାଲି ପ୍ରିମିୟର ଲିଗ୍: ଷ୍ଟାର-୧୧ ଚାମ୍ପିଅନ

**ରେଙ୍ଗାଲି, ୧୬।୩(ସମିସ):** ରେଙ୍ଗାଲି ଏଥ୍‌ଲେଟିକ ଏସୋସିଏସନ ପକ୍ଷରୁ ମିନିଷ୍ଟାଡ଼ିୟମ୍ ଠାରେ ଚାଲିଥିବା ଦ୍ୱିତୀୟ ରେଙ୍ଗାଲି ପ୍ରିମିୟର୍ ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଷ୍ଟାର ଇଲେଭେନ୍ ଓ ଏମ୍‌ଭି ସିନର୍ଜୀ ଦଳ ମଧ୍ୟରେ ଫାଇନାଲ ଖେଳ ହୋଇ ଷ୍ଟାର୍-୧୧ ଚମ୍ପିଆନ ହୋଇଥିଲା। ଚମ୍ପିଆନ ଦଳକୁ ୧ଲକ୍ଷ ୫୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା ବେଳେ ରନର୍ସଅପ ଦଳକୁ ୧ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦଯାପନୀ ସମାରୋହରେ ଯୁବ ବିଜେଡି ନେତା ବିଶାଳ ଦାସ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ଓଏସି ଉପାଧ୍ୟକ୍ଷ ଦୁଲାଲ ପଧାନ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ, ନିଶାନଭଙ୍ଗା ସମିତିସଭ୍ୟ ଜିତେନ୍ଦ୍ର ପ୍ରସାଦ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୮ଟି ଦଳ ସ୍କାଏ ୱାରିଅର୍ସର ମାଲିକ ସତ୍ୟନାରାୟଣ ଅଗ୍ରୱାଲ, ରେଙ୍ଗାଲି ଟାଇଗର ମାଲିକ ତିଳକ ବାଗ, ଏମଭି ସିନର୍ଜୀର ମାଲିକ ବ୍ରଜେନ୍ଦ୍ର ପ୍ରସାଦ ପଣ୍ଡା, ଓମ ୱାରିଅର୍ସର ସନ୍ତୋଷ ବର୍ମା, ଏଭରଗ୍ରୀନ ଷ୍ଟାରର ରଞ୍ଜନ ସାହୁ, ଷ୍ଟାର-୧୧ ଦଳର ମାଲିକ ସନ୍ଦୀପ ପଟ୍ଟନାୟକ (ଭୁକନ), ୟଙ୍ଗ ଟାଇଟନ ଦଳ ମାଲିକ ବାବୁଲୁ ଗହୀର ଏବଂ ମହାନଦୀ ରିଭର୍ସ ଦଳ ମାଲିକ ମଣ୍ଟୁ ଶାଙ୍କୁଲିଆ ପ୍ରମୁଖ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।



# ଓଲଟିପଡ଼ିଲା ହାଇୱା ବର୍ତ୍ତିଲେ ଚାଳକ ଓ ଖଲାସୀ



**ଜମନକିରା, ୧୬।୩(ସମିସ):** ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ଫାସୀମାଲ ଚକୁଳିଆବାହାଲ ରାସ୍ତା ମହିଡେରା ପାଖ ବୁଲାଣିରେ ଏକ ହାଇୱା ଓଡ଼ି ୧୫ଏଫ୍ ୯୧୫୬ ଭାରସାମ୍ୟ ହରାଇ ରାସ୍ତାକଡ଼ ଜମିରେ ଓଲଟି ପଡ଼ିଥିଲା। ତେବେ ଭାଗ୍ୟବଶତଃ ଚାଳକ ଓ ଖଲାସି ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ। ଉଭୟେ ସାମାନ୍ୟ ଆହତ ହୋଇଥିଲେ। ଗୌଡ଼ପାଲି ଫାଣ୍ଡି ଅଧିକାରୀ ଘଟଣାସ୍ଥଳକୁ ପହଞ୍ଚି ଉଭୟଙ୍କୁ ଡାକ୍ତରଖାନା ପଠାଇବା ସହ ତଦନ୍ତ କରିଥିଲେ।

# ବନ୍ଦ ପଥରଖାଦାନ ଉପରେ ମାଫିଆଙ୍କ ନଜର

**ସମ୍ବଲପୁର, ୧୬।୩(ସମିସ)**

ସମ୍ବଲପୁର ଜିଲ୍ଲାରେ ଥିବା ଅଚଳ ପଥରଖାଦାନ ଉପରେ ପୁଣି ମାଫିଆଙ୍କ ନଜର ପଡ଼ିଛି। ବେଆଇନ ଭାବେ ପଥର ଉତ୍ତୋଳନ କରିବା ସହ ଏବେ ପାଉଁଶ ପକାଇ ପୋତିଦେବାକୁ ଯୋଜନା କରୁଛନ୍ତି। ପୂର୍ବରୁ ସ୍ଥାନୀୟ ଲୋକମାନେ ବିରୋଧ କରିବାରୁ କିଛିମାସ ହେବ ଚୁପ୍ ରହିଯାଇଥିଲେ। ହେଲେ କିଛିଦିନ ହେଲା ପୁଣି ସକ୍ରୀୟ ହୋଇଥିବା ଜଣାପଡ଼ିଛି। ବିଭିନ୍ନ କମ୍ପାନୀରୁ ନିର୍ଗତ ହେଉଥିବା ପାଉଁଶ(ଫ୍ଲାଏଆସ)ରେ ପୋତିଦେବାକୁ ଅନୁମତି ପାଇଁ ଆବେଦନ କରିଛନ୍ତି। ରାଜ୍ୟ ସରକାର ଭୂତଳ ଜଳସ୍ତର ନିୟନ୍ତ୍ରଣ, ଜଳ ସଂରକ୍ଷଣ ସହ ଲୋକଙ୍କ ଦୈନନ୍ଦିନ ବ୍ୟବହାର ପାଇଁ ପୋଖରୀ ଖନନ କରୁଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଅନୁଦାନ ମଧ୍ୟ ଘୋଷଣା ହୋଇଛି। ହେଲେ ସମ୍ବଲପୁର ଜିଲାରେ ପଥର ଉତ୍ତୋଳନ ପରେ ସୃଷ୍ଟି ହୋଇଥିବା କୃତ୍ରିମ ଜଳାଶୟକୁ ଏବେ ପାଉଁଶ (ଫ୍ଲାଏଆସ୍)ରେ ପୋତିଦେବାକୁ ଯୋଜନା ଆରମ୍ଭ ହୋଇଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଯୁଯୁମୁରା ତହସିଲ ହାତିବାରୀ ମୌଜାରେ ଘରୋଇ କମ୍ପାନୀ ଫ୍ଲାଏଆସ୍ ଟ୍ରାନ୍ସପୋର୍ଟରକୁ ଖୁସି କରିବା ପାଇଁ ଉଦ୍ୟମ ଚଳାଇଛି। ସ୍ଥାନୀୟ ତହସିଲଦାରରେ ପାଉଁଶ ପକାଇବାକୁ ବିରୋଧ କରି ଜାମଟାଳ, ମୁଣ୍ଡେର, ହାତିବାରି ଗ୍ରାମର ଲୋକମାନେ ଆପତ୍ତି କରିଥିଲେ। ଏଠାରେ ପାଉଁଶ ଡମ୍ପିୟାର୍ଡ କରି ପରିବେଶ ପ୍ରଦୂଷଣ କରିବା ଯୋଜନା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ହାତିବାରୀ ମୌଜା ବିଭିନ୍ନ ଗ୍ରାମରେ ଥିବା ଜମିରେ ପଥର ଖାଦାନ ହୋଇଥିଲା। ପଥର ଉତ୍ତୋଳନ ପରେ ଏଠାରେ ଏକ ବିଶାଳ ଜଳାଶୟ ସୃଷ୍ଟି ହୋଇଛି। ଏହି ଜଳାଶୟରୁ ପମ୍ପ ସାହାଯ୍ୟରେ ପାଣି ନେଇ ଚାଷୀମାନେ ଚାଷ କରିଥାନ୍ତି। ଲୋକମାନେ ଖରା ଦିନରେ ଗାଧୋଇବା ସହ ଅନ୍ୟ କାମରେ ମଧ୍ୟ ବ୍ୟବହାର କରୁଛନ୍ତି। ଜଳାଶୟରୁ ପାଣି ପିଇ ବନ୍ୟଜନ୍ତୁ ମଧ୍ୟ ତୃଷା ମେଣ୍ଟାଇଥାନ୍ତି। ହେଲେ ଏବେ ଜଳାଶୟକୁ ପାଉଁଶରେ ପୋତିଦେବାକୁ ଯୋଜନା ଆରମ୍ଭ ହୋଇଛି। ଏକ ନିର୍ଦ୍ଦିଷ୍ଟ କମ୍ପାନୀର ଅନୁମତି ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ଯାହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ଗ୍ରାମ ସଭା ଓ ପଲ୍ଲୀସଭାରେ ଏ ନେଇ କୌଣସି ରିପୋର୍ଟ ଦିଆଯାଉ ନାହିଁ ବୋଲି ହାତିବାରୀ ଓ ଜାମଟାଲ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆବେଦନ କରିଥିବା କମ୍ପାନୀକୁ ଅନୁମତି ଦିଆ ନଯାଉ ଓ ଯଦି ଦିଆଯାଇଛି ବାତିଲ କରାଯାଉ ବୋଲି ଦାବି କରିଛନ୍ତି।



# ଟ୍ରାକ୍ଟର ଧକ୍କାରେ ସ୍କୁଟି ଚୁର୍‌ମାର୍

**ରେଢ଼ାଖୋଲ, ୧୬।୩(ସମିସ):** ସ୍ଥାନୀୟ କୁରୁମଟିକିରା ଗ୍ରାମ ଛକରେ ଶନିବାର ଅପରାହ୍ନରେ ଏକ ଟ୍ରାକ୍ଟର ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍କୁଟି ଚାଳକ ଶ୍ରୀଧର ଖିଲାରୀ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିବାବେଳେ ସ୍କୁଟିଟି ଚୁର୍‌ମାର୍ ହୋଇଯାଇଥିଲା। ସୂଚନା ଅନୁସାରେ, ଦେହୁରୀ ସାହିର ଶ୍ରୀଧର ଖିଲାରୀ ଏକ ସ୍କୁଟିରେ ରେଢ଼ାଖୋଲ ସହର ପଟକୁ ଆସୁଥିବା ବେଳେ କୁରୁମଟିକିରା ଛକରେ ଏକ ଟ୍ରାକ୍ଟର ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଟ୍ରାକ୍ଟର ତଳେ ଚାପିହୋଇ ସ୍କୁଟିଟି ଚୁର୍‌ମାର ହୋଇଯାଇଥିଲା ବେଳେ ଶ୍ରୀଧର ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ। ଘଟଣାସ୍ଥଳେର ପୁଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ତଦନ୍ତ କରୁଛି।



## କଟାପାଲି ବାଲୁଙ୍କେଶ୍ୱର ମନ୍ଦିରରୁ ମୂର୍ତ୍ତି ଚୋରି

**ବରଗଡ଼, ୧୬।୩(ସମିସ):** ବରଗଡ଼ ସଦର ବ୍ଲକ କଟାପାଲି ବାଲୁଙ୍କେଶ୍ୱର ମନ୍ଦିରରୁ ମାତା ପାର୍ବତୀଙ୍କ ମୂର୍ତ୍ତି ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ମନ୍ଦିରରୁ କେହି ଦୁର୍ବୃତ୍ତ ମାତା ପାର୍ବତୀଙ୍କ ମୂର୍ତ୍ତି ଚୋରି କରି ନେଇଛି। ଶନିବାର ସକାଳୁ ପୂଜକ ମନ୍ଦିରର ଖୋଲିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିବା ବେଳେ ଏହାକୁ ନେଇ ଗ୍ରାମବାସୀ ବରଗଡ଼ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।



# ବରଗଡ଼-ଭଟଲି ରାସ୍ତା ଶୋଚନୀୟ

**ବରଗଡ଼, ୧୬।୩(ସମିସ)**

ବରଗଡ଼ ଭଟଲି ରୋଡ ଛକରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଛି। ଯଦ୍ୱାରା ଜନସାଧାରଣ ନାହିଁ ନ ଥିବାର

### ନିତିଦିନ ଘଟୁଛି ଦୁର୍ଘଟଣା

ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ଉକ୍ତ ରାସ୍ତା ତୁରନ୍ତ ମରାମତି କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ବରଗଡ଼-ଭଟଲି ରାସ୍ତାର ବିଭିନ୍ନ ସ୍ଥାନରେ ରାସ୍ତା ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି। ବିଶେଷ କରି ଡାଙ୍ଗ ନିକଟସ୍ଥ ପ୍ରଧାନଟିକ୍ରାରେ ରାସ୍ତା ଉପରେ ନର୍ଦ୍ଦମା ପାଣି ପ୍ରବାହିତ ହୋଇ ରାସ୍ତାରେ ବହୁ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଯାଇଛି। ଫଳରେ ଉକ୍ତ ରାସ୍ତାରେ ଜନସାଧାରଣ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସମେତ ରାଣା ପ୍ରତାପ ସ୍କୁଲ, ରୋଟାରୀ ପବ୍ଲିକ ସ୍କୁଲ, ଲ' କଲେଜ, ସଂସ୍କାର ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ଇମ୍ପେରିୟଲ କଲେଜ ପରି ବହୁ ଶିକ୍ଷାନୁଷ୍ଠାନ ରହିଛି। ଯାହାକୁ ନେଇ ପ୍ରତ୍ୟହ ହଜାର ହଜାର ଛାତ୍ରଛାତ୍ରୀ ତଥା



ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି। ବିଭିନ୍ନ ସ୍ଥାନରେ ରାସ୍ତା ଖାଲଖମା ହୋଇପଡ଼ିଥିବା ଯୋଗୁଁ ଜନସାଧାରଣ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଛତିଶଗଡ଼ର ରାୟଗଡ଼ାକୁ ଲମ୍ବି ଯାଇଥିବା ଏହି ରାସ୍ତାରେ ସବୁବେଳେ ଶହ ଶହ ସଂଖ୍ୟାରେ ଯାନବାହାନ ଚଳାଚଳ କରିଥାନ୍ତି। ଶୋଚନୀୟ ରାସ୍ତାକୁ ନେଇ ବହୁ ସମୟରେ ଜନଅସନ୍ତୋଷ ମଧ୍ୟ ଦେଖା ଦେଇଛି। ପ୍ରାୟତଃ ଉକ୍ତ ରାସ୍ତାରେ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଥିବାର ନଜିର ରହିଛି। ପ୍ରଧାନ ଟିକ୍ରାରେ ବର୍ଷତମାମ ରାସ୍ତା ଅବସ୍ଥା ଖରାପ ହୋଇପଡ଼ି ରହିଥିବାବେଳେ ବିଭାଗୀୟ ଅଧିକାରୀ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରିବାକୁ ଦାବି ହେଉଛି।

## ବିଲରୁ ଗଳିତ ଶବ ଉଦ୍ଧାର

**ବରଗଡ଼, ୧୬।୩ (ସମିସ):** ଶନିବାର ବରଗଡ଼ ବରାହଗୋଡ଼ା ବାଇପାସ ରାସ୍ତା କଡ଼ ବିଲରୁ ଜଣେ ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର କରିଛି ପୁଲିସ। ମୃତବ୍ୟକ୍ତି ଜଣକ ୬୦ /୬୫ ବର୍ଷ ବୟସର ହୋଇଥିବା ଅନୁମାନ କରାଯାଉଥିବାବେଳେ ତାଙ୍କ ପରିଚୟ ମିଳି ପାରିନାହିଁ। ଖବର ପାଇ ଗ୍ରାମାଞ୍ଚଳ ଥାନାଧିକାରୀ ଅମିତ ଖେସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବରଗଡ଼ ଜିଲ୍ଲା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠେଇବା ସହ ତଦନ୍ତ ଜାରି ରଖିଛନ୍ତି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ବରଗଡ଼, ୧୬।୩(ସମିସ):** ପୂଜ୍ୟପୂଜା ପରମ୍ପରାକୁ ବଜାୟ ରଖି ବରଗଡ଼ ନିଗମାନନ୍ଦ ବିହାରର ବରିଷ୍ଠ ନାଗରିକମାନେ ଉକ୍ତ ପଡ଼ାର ବରିଷ୍ଠ ସଦସ୍ୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଟିକେଲାଲ୍ ପ୍ରଧାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଥିଲେ। ଏହି ଅବସରରେ ପଡ଼ାବାସୀଙ୍କ ତରଫରୁ ବରିଷ୍ଠ ନାଗରିକ ଅର୍ଜୁନ ସେଟ୍, କୁଞ୍ଜବିହାରୀ ଭୋଇ, ରାଜେନ୍ଦ୍ର ସାହୁ ଆକା ସେଠୀ, ବାଙ୍କା ବିହାରୀ ସାହୁ, ପ୍ରଦୀପ କୁମାର ସାହୁ, ଅର୍ଜୁନ ମହାପାତ୍ର, ସନ୍ତୋଷ ପଣ୍ଡା, ବିବେକାନନ୍ଦ ବହିଦାର ପ୍ରମୁଖ ଶ୍ରୀ ପ୍ରଧାନଙ୍କ ମଙ୍ଗଳ କାମନା କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନଙ୍କ ପୁତ୍ର ଭାଗୀରଥି ପ୍ରଧାନ ଭଜନ କୀର୍ତ୍ତନ ର ଆୟୋଜନ କରିଥିଲେ।

## ଅମ୍ବାଭୋନା ଥାନାର ନୂତନ ଥାନାଧିକାରୀ

**ଅମ୍ବାଭୋନା, ୧୬।୩(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ଥାନାରେ ନୂତନ ଥାନାଧିକାରୀ ଭାବେ ବିପିନ ବାଗ ଯୋଗଦାନ କରିଛନ୍ତି। ସେ ପୂର୍ବରୁ ଜଗଦଲପୁର ଥାନାରେ ଦାୟିତ୍ୱ ତୁଲାଇ ଥିଲେ। ଅମ୍ବାଭୋନା ଥାନାଧିକାରୀ ବୁଲୁ ମୁଣ୍ଡା ତାଙ୍କୁ ବିଧିବଦ୍ଧ ଭାବେ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଅମ୍ବାଭୋନା ଥାନାରେ ବୁଲୁ ମୁଣ୍ଡାଙ୍କ ୧୧ ମାସ କାର୍ଯ୍ୟକାଳ ମଧ୍ୟରେ ଅପରାଧ ନିୟନ୍ତ୍ରଣ ଓ ନିଶା ନିୟନ୍ତ୍ରଣରେ ରେକର୍ଡ ସୃଷ୍ଟି କରିଥିଲେ। ଅମ୍ବାଭୋନା ଅଞ୍ଚଳରେ ନିଶା ନିୟନ୍ତ୍ରଣ ଓ ଅପରାଧ ନିୟନ୍ତ୍ରଣ ପୂର୍ବଭଳି ଜାରି ରଖିବା ସହ ପାଟ୍ରୋଲିଂ କଡାକଡି କରାଯିବା ଉପରେ ଗୁରୁତ୍ୱ ଦିଆଯିବାକୁ ନୂତନ ଥାନାଧିକାରୀ ବିପିନ ବାଗ ପ୍ରତିଶ୍ରୁତି ଦେଇଛନ୍ତି। ମାଓପ୍ରବଣ ଥାନା ଘୋଷିତ ଅମ୍ବାଭୋନା ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ ଏବଂ ଆଗକୁ ନିର୍ବାଚନ ସୁପରିଚାଳନା ନବାଗତ ଥାନାଧିକାରୀଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଛି।

## ଅଦାଲତ ସମ୍ମୁଖରେ ଅନଶନ ନିଷ୍ପତ୍ତି

**ପଦ୍ମପୁର, ୧୬।୩(ସମିସ):** ପଦ୍ମପୁର ସବ୍ ଡିଭିଜିନାଲ ଜୁଡିସିଏଲ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଦୀର୍ଘ ୨୦୧୪ରୁ ଆଜି ପର୍ଯ୍ୟନ୍ତ ମୋଟ୍ ୧୭ଟି ମାମଲା ଗଡ଼ି ଚାଲୁଛି। ଆବେଦନକାରୀ ପଦ୍ମପୁରର ଅର୍ଜୁନ ସାହୁ, ସାଧୁଚରଣ ସାହୁ ଓ ସତ୍ୟାନନ୍ଦ ସାହୁ ଏ ସମ୍ପର୍କରେ ଲିଖିତ ଭାବେ ଅଦାଲତକୁ ଅନୁରୋଧ କରିବା ସହିତ ତ୍ୱରିତ ଫଏସଲା କରିବା ପାଇଁ ଅନୁରୋଧ କରିଛନ୍ତି। ଫଏସଲା ନହେଲେ ଅଦାଲତ ସମ୍ମୁଖରେ ସପରିବାର ଆମରଣ ଅନଶନ କରିବା ପାଇଁ ବାଧ୍ୟ ହେବେ ବୋଲି ଲିଖିତ ଭାବେ ଜଣାଇଛନ୍ତି।

### ଚତୁର୍ଥ ଦିନରେ ସଂଯୁକ୍ତ କୃଷକ ସଂଗଠନର ଧାରଣା

## ମିଗ୍‌ଜୋମ କ୍ଷୟକ୍ଷତି ସହାୟତା ରାଶି ପ୍ରଦାନ ଦାବି

**ବରଗଡ଼, ୧୬।୩(ସମିସ):** ବରଗଡ଼ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ସଂଯୁକ୍ତ କୃଷକ ସଂଗଠନର ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି। ମିଗଜୋମ ସହାୟତା ରାଶି ପ୍ରଦାନ ଦାବିରେ ଚାଲିଥିବା ଏହିଧାରଣା ଜିଲ୍ଲାକୃଷି କାର୍ଯ୍ୟାଳୟରେ ତାଲା ପକାଇ




କୃଷକମାନେ ଆନ୍ଦୋଳନ ଜାରି ରଖିଛନ୍ତି। କୌଣସି ପ୍ରଶାସନିକ ଅଧିକାରୀ ଆନ୍ଦୋଳନ ସ୍ଥଳକୁ ନ ଆସିବାରୁ ସଙ୍ଗଠନ ପକ୍ଷରୁ ଆସନ୍ତା ସୋମବାର ଦିନ ସୁଦ୍ଧା ବୀମା ଏବଂ ଇନପୁଟ ଟଙ୍କା ଚାଷୀ ମାନଙ୍କ ଖାତାରେ ନ ପଡ଼ିଲେ ମଙ୍ଗଳବାର ଦିନ ତହସିଲ ଅଫିସ ତାଲା ବନ୍ଦ କରିଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦିଆଯାଇଥିଲା। ଶନିବାର ଆଞ୍ଚଳିକ କୃଷକ ସଂଗଠନ ନେତୃତ୍ୱରେ ସଭାପତି କରଣ ସାହୁଙ୍କ ସଭାପତିତ୍ୱରେ ଧାରଣା ଚାଲିଥିଲା। ବରପାଲି ବ୍ଲକରେ ମିଗଜୋମ ଜନିତ ଫସଲ ନଷ୍ଟ ଆରଆଇ ଏବଂ କୃଷି ବିଭାଗ ମିଳିତ ଅନୁଧ୍ୟାନ କମିଟି ରିପୋର୍ଟ ଅନୁସାରେ ୭୪ ଟି ଗ୍ରାମ ଜଳସେଚିତ ୫୫୨୧ହେକ୍ଟର ଏବଂ ଅଣ ଜଳସେଚିତ ୨୪୪୦ ହେକ୍ଟର ଜମି କ୍ଷତି ହୋଥିବା ଉଲ୍ଲେଖ କରିଥିଲେ। ଜିଲ୍ଲାପାଳ ମୋଟ ୧୧କୋଟି ୫୭ଲକ୍ଷ ଏକ ହଜାର ଦୁଇଶହ ଟଙ୍କା କ୍ଷତିପୂରଣ ଦେବା ପାଇଁ ଉପରସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ହେଲେ କ୍ଷତିପୂରଣ କୌଣସି ଚାଷୀ ପାଇ ନ ଥିବାରୁ ଗାଁ ଗାଁ ରେ ଅସନ୍ତୋଷ ଦେଖିବାକୁ ମିଳୁଛି। ସଂଯୁକ୍ତ କୃଷକ ସଂଗଠନ ନେତୃତ୍ୱରେ ହଜାର ହଜାର କୃଷକ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବ୍ୟକ୍ତିଗତ ଭାବେ ଲିଖିତ ଆବେଦନ କରିଛନ୍ତି। ଧାରଣାସ୍ଥଳରେ ବରପାଲି ବ୍ଲକ ପାଇଁ ୨୧ଜଣିଆଁ କମିଟି ଗଠନ କରି ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରୀ ଦୁର୍ବାର କରିବା ପାଇଁ ନିଷ୍ପତି ନିଆଯାଇଥିଲା। ଧାରଣା ପରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଭେଟି ଧାନ ପଞ୍ଜିକରଣ ତାରିଖ ବୃଦ୍ଧି କରିବା ପାଇଁ ଲିଖିତ ଅନୁରୋଧ କରାଯାଇଛି। ଆଜିର ଆନ୍ଦୋଳନରେ ଧନପତି ପଧାନ, ତପନ କୁମାର ମିଶ୍ର, ରାଧେଶ୍ୟାମ ନାଏକ, ସନ୍ତୋଷ ସାହୁ, ସଦାନନ ପଧାନ, ରାଜେଶ ପଧାନ, ସୁରେଶ ବିଶି, ନରୋତ୍ତମ ବିଶି, ଶ୍ୟାମଲାଲ ରାଉତ, ପ୍ରଫୁଲ୍ଲ ଭୋଇ, ଅଚ୍ୟୁତା ଦେହେରୀ, ସମିଲ ଜାଲ, ଧୀରେନ ପଧାନ, ଦୁର୍ଯ୍ୟୋଧନ ଦେହେରୀ, ଶ୍ୟାମଲାଲ ରାଉତ ଉପଦେଷ୍ଟା ଟିକେଶ୍ୱର ଦେହେରୀ, ବୃନ୍ଦାବନ ମେହେର, ସୁବୋଧ ଦାଶ, ସୁରେଶ ନିକେଣ୍ଡି, ବାବୁ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ନରେନ୍ଦ୍ର ଭୋଇ, ରମେଶ ମହାପାତ୍ର, ଉପନ୍ନ କୁମାର ଭୋଇଙ୍କ ସମେତ ବହୁଚାଷୀ ସାମିଲ ହୋଇଥିଲେ।

## ତ୍ରୟୋଦଶ ତମ ସାମୂହିକ ହନୁମାନ ଚାଳିଶା ପାଠୋତ୍ସବ

**ବରପାଲି, ୧୬।୩ (ସମିସ):** ବରପାଲି ମଧପଡ଼ା ହନୁମାନ ମନ୍ଦିର ସମ୍ମୁଖରେ ସାମୂହିକ ହନୁମାନ ଚାଲିଶା ପାଠ ଉତ୍ସବ ପାଳିତ ହୋଇଛି। ଶନିବାର ପୂର୍ବାହ୍ନରେ ପାଠୋତ୍ସବ କମିଟି ପକ୍ଷରୁ ହନୁମାନ ଚାଲିଶା ପଠନ ପର୍ବ ଆରମ୍ଭ ହୋଇଥିଲା। ପୂଜକ ଶୁଧାଂଶୁ ଦାସ ଓ ବୀରବର ଦାସ ରହିଥିବାବେଳେ ବ୍ୟାସଭାର ବରପାଲି ଦୁର୍ଗା ମନ୍ଦିରର ପୂଜକ ସୁବଳ ମିଶ୍ର ବହନ କରିଥିଲେ। କମିଟିର ଗୁପ୍ତେଶ୍ୱର ମେହେର, ପ୍ରେମନାଥ ଦର୍ଜୀ, ରମେଶ ସାହୁ, ମୁକୁନ୍ଦ ମେହେର, ନନ୍ଦଲାଲ ରାଉତ, ଧୃବଚରଣ ମେହେର, ଅମ୍ବିକା ମେହେର, ପ୍ରଦୀପ ମହାରଣା, ଶ୍ରୀରାମ ପଧାନ, କୃଷ୍ଣ ନାୟକ, ଚୈତନ୍ୟ ବାଗ, ତାରାଚାନ୍ଦ ମେହେର, ହରିହର ମେହେର, ସୂର୍ଯ୍ୟ ଦର୍ଜୀ ସହଯୋଗ କରିଥିଲେ। ସୀତାରାମ ମହିଳା ସଂକୀର୍ତ୍ତନ୍ୟ ମଣ୍ଡଳୀ, ମଧ୍ୟପଡ଼ାର ମହିଳା ମାନେ ତଥା ବାଦ୍ୟଯନ୍ତ୍ରରେ ସୁରେନ୍ଦ୍ର ଭୋଇ, ମଙ୍ଗନ ମେହେର, ଲଳିତ ଭୋଇ, ସାଜିସ୍ ମାହାଣା, ଚକାନନ ପୃଷ୍ଟି, ଛତୁ ମେହେର କୃଷ୍ଣଚନ୍ଦ୍ର ରାଉତ ସହଯୋଗ କରିଥିଲେ। ସେହିପରି ଗତ ସପ୍ତମ ବର୍ଷ ଉତ୍ସବଟି ଦୁଇଦିନ ଭାବରେ ଆୟୋଜିତ ହୋଇ ୧୦୮ ବାର ହନୁମାନ ଚାଲିଶା ପାଠ କରାଯାଇଥିଲା। ବ୍ୟାସଦେବ ଭାବରେ ବରଦା ଦୁର୍ଗାମନ୍ଦିର ମୁଖ୍ୟ ପୂଜକ ସୁବଳ ମିଶ୍ରଙ୍କ ଦ୍ୱାରା ପଠନ କାର୍ଯ୍ୟ ହୋଇଥିଲା। କମିଟି ସଦସ୍ୟ ଗୁପ୍ତେଶ୍ୱର ମେହେର, ପ୍ରେମନାଥ ଦର୍ଜୀ, ରମେଶ ସାହୁ, ମୁକୁନ୍ଦ ମେହେର, ନନ୍ଦଲାଲ ରାଉତ, ଧୃବଚରଣ ମେହେର, ଅମ୍ବିକା ମେହେର, ପ୍ରଦୀପ ମହାରଣା, ଶ୍ରୀରାମ ପଧାନ, କୃଷ୍ଣ ନାୟକ, ଚୈତନ୍ୟ ବାଗ୍, ତାରାଚାନ୍ଦ ମେହେର, ହରିହର ମେହେର, ସୂର୍ଯ୍ୟଦର୍ଜୀ ପ୍ରମୁଖ ସହଯୋଗ କରିଥିଲେ। ସାଜିସ୍ ଦେବେଶ ମାହାରଣା, ଚକାନନ ପୃଷ୍ଟି, ଛତୁ ମେହେର, କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ବିକାଶ ଡିଗ୍ରୀ କଲେଜରେ 'ଯୁବ ସମ୍ବାଦ' କାର୍ଯ୍ୟକ୍ରମ

**ବରଗଡ଼, ୧୬।୩(ସମିସ):** ବିକାଶ ଡିଗ୍ରୀ କଲେଜ ଦ୍ୱାରା ରାଜ୍ୟ ଏନ୍‌ଏସ୍‌ଏସ୍ ଭୁବନେଶ୍ୱର ତଥା




କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରାଳୟର ମିଳିତ ସୌଜନ୍ୟରେ ବିକାଶ ଡିଗ୍ରୀ କଲେଜର ଏନ୍‌ଏସ୍‌ଏସ୍ ୟୁନିଟ ଦ୍ୱାରା ଯୁବ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କଣ୍ଟାବାଞ୍ଜି ଡିଗ୍ରୀ କଲେଜର ଇଂରାଜୀ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଶୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପାଞ୍ଚପଣ, ବିକଶିତ ଭାରତ ତଥା ଇଣ୍ଡିଆ ୨୦୪୭ ବିଷୟବସ୍ତୁ ଉପରେ ମର୍ମସ୍ପର୍ଶୀ ବକ୍ତବ୍ୟ ପ୍ରଦାନ କରିଥିଲେ। ବିକାଶ ଡିଗ୍ରୀ କଲେଜ ତଥା ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ସର୍ବମୋଟ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିକାଶ ଗ୍ରୁପର ଡି. ନାଗେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ସେବା ଯୋଜନା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଗୁଡିକୁ ପ୍ରଶଂସା କରିଥିଲେ। ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ରଙ୍କ ସଭାପତିତ୍ୱ ରେ ନେହରୁ ଯୁବକେନ୍ଦ୍ରର ବରଗଡ଼ ଜିଲ୍ଲା ଯୁବ ସଂଯୋଜକ ରୋଶନ ଟଣ୍ଡନ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଜୀବନରେ ଲକ୍ଷ୍ୟ ସାଧନ ଦିଗରେ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିକାଶ ଡିଗ୍ରୀ କଲେଜର କିରଣପାଢ଼ୀ ପ୍ରଥମ, ଶିବରାଜ ବେହେରା ଦ୍ୱିତୀୟ ଓ ଅମିଶା ପଟ୍ଟନାୟକ ତୃତୀୟସ୍ଥାନ ହାସଲ କରି ଉଦଯାପନୀ ଉତ୍ସବରେ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିକାଶ କର୍ତ୍ତୃପକ୍ଷଙ୍କ ତରଫରୁ ମୁଖ୍ୟବକ୍ତା ପ୍ରାଧ୍ୟାପକ ଲୋହିତାକ୍ଷ ଯୋଶୀ ଓ ରୋଶନ ଟଣ୍ଡନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପାଧ୍ୟକ୍ଷ ଆରଏସଭି କ୍ରିଷ୍ଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ରଜତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କୋ -ଅର୍ଡିନେଟର ସୁଦାମ ମିଶ୍ର ଓ ଅଧ୍ୟାପିକା ଅନିତା ସରକାର ଅତିଥି ପରିଚୟ ଦେଇଥିଲାବେଳେ ସୁରଜ ପଣ୍ଡା ସଭା ସଞ୍ଚାଳନା କରିଥିଲେ।

## ସାପ୍ତାହିକ 'ପରିଚାଳନା ଉନ୍ନତୀକରଣ କାର୍ଯ୍ୟକ୍ରମ

**ବରପାଲି, ୧୬।୩ (ସମିସ):** ବରପାଲି ଶାଖାର ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥା ଅହମ୍ମଦାବାଦ ଏବଂ ଭାରତୀୟ ଏମ୍‌ଏସ୍‌ଏମି ମନ୍ତ୍ରାଳୟ ମିଳିତ ଉଦ୍ୟମରେ ସାପ୍ତାହିକ 'ପରିଚାଳନା ଉନ୍ନତୀକରଣ କାର୍ଯ୍ୟକ୍ରମ ବରଗଡ଼ ଇମ୍ପେରିଆଲ୍ କଲେଜ ପରିସରରେ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ବ୍ୟବସାୟ ଯୋଜନା, ଡିଜିଟାଲ ମାର୍କେଟିଂ, ଆକାଉଣ୍ଟିଂ, ପ୍ରୋଜେକ୍ଟ ଡକ୍ୟୁମେଣ୍ଟେସନ୍, ଯୋଗାଣ ଶୃଙ୍ଖଳା ପରିଚାଳନା ପରି ବିଭିନ୍ନ କ୍ଷେତ୍ରର ବିଷୟମାନ ଅନ୍ତର୍ଭୁକ୍ତ ରହିଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ବିଷ୍ଣୁ ପ୍ରସାଦ ପଣ୍ଡା, ଉଦ୍ୟୋଗୀ ବିକାଶ ପରାମର୍ଶଦାତା ପ୍ରଦୀପ ମେହେର, ଇମ୍ପେରିଆଲ୍ କଲେଜର ନିର୍ଦ୍ଦେଶକ ଦୀପକ କୁମାର ଗୋୟଲ, ଏସବିଆଇ ବରଗଡ଼ ଜିଲ୍ଲା ମୁଖ୍ୟ ପରିଚାଳକ ମହେଶ୍ୱର ସାହୁ, ଗୌମୟ ପେଣ୍ଟସ




ପ୍ରତିଷ୍ଠାତା ଦୁର୍ଗା ପ୍ରିୟଦର୍ଶିନୀ, ଇମ୍ପେରିଆଲ କଲେଜ ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ ଏବଂ ବରଗଡ଼ ଆଦାନୀ ସିମେଣ୍ଟ ସିଏସଆରର ମୁଖ୍ୟ ପରିଚାଳକ ପ୍ରଦୀପ କୁମାର ମହାନ୍ତି ଉଦ୍ୟମିତା ବିକାଶର ବିଭିନ୍ନ ଦିଗ ଉପରେ ଅଧିବେଶନ ବିତରଣ କରିଥିଲେ।



## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ବରଗଡ଼, ୧୬।୩(ସମିସ):** ଅନ୍ତର୍ଜାତୀୟ ମାଷ୍ଟର୍ସ କ୍ରୀଡାବିତ୍ ଗଣ କ୍ରୀଡା ଓ ଯୁବସେବା ବିଭାଗର ପ୍ରମୁଖ ସଚିବ, କ୍ରୀଡା ନିର୍ଦେଶକ ଏବଂ ଉପ ନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ରାଜ୍ୟ ସରକାର ସମସ୍ତ ବର୍ଗର ଖେଳାଳିଙ୍କ ପରି ମାଷ୍ଟର୍ସ କ୍ରୀଡାବିତ୍‌ଙ୍କୁ ମଧ୍ୟ ଆର୍‌ଥିକ ସହାୟତା ଏବଂ ଆନ୍ୟାନ ସୁବିଧା ଯୋଗାଇଦେବାକୁ ଦାବି କରିଥିଲେ। ଏ ନେଇ ଭୁବନେଶ୍ୱରର କ୍ରୀଡ଼ା ନିର୍ଦ୍ଦେଶାଳୟରେ କ୍ରୀଡା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାଶଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସମସ୍ୟା ବାବଦରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ମାଷ୍ଟର୍ସ କ୍ରୀଡ଼ା ପ୍ରତିଯୋଗିତା ତିରିଶ ବର୍ଷରୁ ଊର୍ଦ୍ଧ୍ୱ ବୟସର ଖେଳାଳିମାନେ ଅଂଶଗ୍ରହଣ କରିଥାନ୍ତି। ବହୁ କ୍ରୀଡାବିତ ଭଲ ପ୍ରଦର୍ଶନ କରି ନିଜ ଜିଲ୍ଲା, ରାଜ୍ୟ ତଥା ଦେଶ ପାଇଁ ସୁନାମ ଅର୍ଜନ କରିଥାନ୍ତି। ଏହି ସାକ୍ଷାତ ସମୟରେ ସନ୍ତୋଷ କୁମାର ପଧାନ (ବରଗଡ଼), କିଶୋର ଚନ୍ଦ୍ର ରଥ (ଗଜପତି), ପ୍ରକାଶ କୁମାର ଗଡ୍‌ନାଏକ (ଅନୁଗୁଳ), ସୁନ୍ଦରମଣି ବାରିକ (ସମ୍ବଲପୁର), ମାଳବିକା ମିଶ୍ର ( ଭୁବନେଶ୍ୱର), ବବିତା ପଣ୍ଡା (ବାଲେଶ୍ୱର), ଅଖିଳ ଚାନ୍ଦ (ବାଲେଶ୍ୱର), ସାରା ମିଶ୍ର (ବ୍ରହ୍ମପୁର), ରେଖା ଦେ ( ସମ୍ବଲପୁର) ଝିଳି ବାରିକ ( ଝାରସୁଗୁଡ଼ା), ସରିତା ସାହୁ ( ଭୁବନେଶ୍ୱର) ରାଜ୍ୟର ମାଷ୍ଟର୍ସ କ୍ରୀଡାବିତ୍‌ମାନେ ଉପସ୍ଥିତ ଥିଲେ।

## ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ବୀରେନ୍ଦ୍ର



**ବରଗଡ଼, ୧୬।୩(ସମିସ)**

ଗରିବ ହେଲେ ବି ହସ ଖୁସିରେ ରେ ଦିନ କଟି ଯାଉଥିଲା। ହଠାତ୍ ବାପା ମା'ଙ୍କ ନିଧନ ପରେ ସତେ ଯେମିତି ଚଡ଼କ ପଡ଼ିଗଲା। ଆଉ ଏବେ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି ବରଡୋଲ ପିପିଲିପାଲି ଗ୍ରାମର ୩୪ ବର୍ଷୀୟ ଯୁବକ ବିରେନ୍ଦ୍ର ଧରୁଆ। ମା, ବାପାଙ୍କୁ ହରାଇବା ପରେ ଘରେ ଭାଇ, ଭାଉଜଙ୍କ ସହ ରହିବା ସହିତ ଏକ ହୋଟେଲରେ କାମ କରି ନିଜର ଗୁଜୁରାଣ ମେଣ୍ଟନ କରୁଥିଲେ। ମାତ୍ର ଗତ ଆଠ ମାସ ହେବ ଏକ ଅଜଣା ରୋଗରେ ପୀଡିତ ହୋଇ ଶରୀର ସାରା କଳା ପଡ଼ିଯିବା ସହିତ ଧଳା ଧଳା ଦାଗ ସୃଷ୍ଟି ହୋଇଥିବାରୁ ହୋଟେଲରେ ମଧ୍ୟ କାମରେ ରଖିବା ପାଇଁ କେହି ଇଛା ପ୍ରକାଶ କରିନାହାନ୍ତି। ବର୍ତ୍ତମାନ ଚାଲି ବୁଲି ପାରୁ ନ ଥିବା ବିରେନ୍ଦ୍ର ଦିନ ତମାମ ଘର ବାରଣ୍ଡାରେ ପଡ଼ି ରହୁଛନ୍ତି। କିଏ ମୁଠେ ଦେଲେ ଖାଇବା ସହିତ ଆଉ ନିଜ କାମ ନିଜେ କିଛିବି କରିବାକୁ ସକ୍ଷମ ନୁହନ୍ତି। ବିଭିନ୍ନ ଅସୁବିଧା ସକାଶେ ଆଜି ପର୍ଯ୍ୟନ୍ତ ସେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଖଣ୍ଡେ ପାଇବା ପାଇଁ ମଧ୍ୟ ସକ୍ଷମ ହୋଇପାରି ନାହାନ୍ତି। ଯଦି ବିଜୁ ସ୍ୱାସ୍ଥ୍ୟ କାର୍ଡ ହୋଇଯିବ ତା ହେଲେ ଯେ କୌଣସି ଡାକ୍ତରଖାନାରେ ଚିକିତ୍ସା କରି ପାରିବି ବୋଲି ବିରେନ୍ଦ୍ର କହିଛନ୍ତି। ବିରେନ୍ଦ୍ରଙ୍କ ଅସହାୟତା ଖବର ପାଇ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ର ସଦସ୍ୟ ତାଙ୍କ ଘରକୁ ଯାଇ ତାଙ୍କର ଅସୁବିଧା ବାବଦରେ ବୁଝିବା ସହିତ ସ୍ଥାନୀୟ ପ୍ରସାଶନର ନଜରକୁ ଆଣିଛନ୍ତି। ରାସନ କାର୍ଡ ରଖିଥିବା ବିରେନ୍ଦ୍ରଙ୍କୁ ବିଜୁ ସ୍ୱାସ୍ଥ୍ୟ କର୍ଡ଼ରେ ଅନ୍ତର୍ଭୁକ୍ତ କଲେ ଓ ମଧୁବାବୁ ପେନସନ ଖଣ୍ଡେ ଯୋଗାଇ ଦେଲେ ତାଙ୍କର କିଛିଟା ସୁବିଧା ହୋଇପାରିବ ବୋଲି ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ କହିଛନ୍ତି।

## ଅତିରିକ୍ତ ଜିଲ୍ଲାପାଳଙ୍କୁ ୮ ଦଫା ଦାବିପତ୍ର ପ୍ରଦାନ

**ପଦ୍ମପୁର, ୧୬।୩(ସମିସ):** କାର୍ଯ୍ୟରତ ସାମ୍ବାଦିକଙ୍କ ୮ ଦଫା ଦାବିନେଇ ଆଜି ପଦ୍ମପୁର ବ୍ଲକର କାର୍ଯ୍ୟରତ ସାମ୍ବାଦିକମାନେ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳଙ୍କୁ ୮ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଜୀକୃତ ସାମ୍ବାଦିକଙ୍କୁ ମାସିକ ୧୦ହଜାର ଭତ୍ତା ପ୍ରଦାନ, ସାମ୍ବାଦିକଙ୍କୁ ପେନ୍‌ସନ, ସାମ୍ବାଦିକଙ୍କ ମୃତ୍ୟୁକାଳୀନ ଆର୍ଥିକ ସହାୟତା ୪ଲକ୍ଷରୁ ୮ଲକ୍ଷ ଟଙ୍କା ବୃଦ୍ଧି, କାର୍ଯ୍ୟରତ ସାମ୍ବାଦିକଙ୍କୁ ମାଗଣା ଆବାସ ଯୋଗାଇ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ, ଅଧିସ୍ୱୀକୃତି କମିଟି ପୁନର୍ଗଠନ ଓ ନିୟମାନୁଯାୟୀ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ପ୍ରେସ୍ ଏକାଡେମୀ ଗଠନ, ଆଦି ଦାବିକୁ ନେଇ ମୁଖ୍ୟମନ୍ତ୍ରୀ, ଓ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ କୁନାଲ ଚୌହାନଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ଦେବା ସମୟରେ ବରିଷ୍ଠ ସାମ୍ବାଦିକ ଲାଲ ବିହାରୀ ମିଶ୍ର, ରତ୍ନମଣି ଶତପଥୀ, ରମେଶ ବାରିକ, ବିଷ୍ଣୁ ପ୍ରସାଦ ବାଜପେୟୀ,



ପ୍ରଦୀପ୍ତ କିଶୋର ଦାଶ, ଯୁବ ସାମ୍ବାଦିକ କିରଟି ସାହୁ, ସୁଦାମ ପ୍ରଧାନ, ଡିଲେଶ୍ୱର ବାଗ, ଅଶ୍ୱିନୀ ଧରୁଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଦୁର୍ବଳ ହେଉଛି ମାଓ ସଂଗଠନ

**ବଲାଙ୍ଗିର, ୧୬।୩ (ସମିସ)**

ବଲାଙ୍ଗିରରେ ମାଓବାଦୀଙ୍କ ଆତ୍ମସମର୍ପଣ। ଶନିବାର ବଲାଙ୍ଗିର ପୁଲିସ ପାଖରେ ବଲାଙ୍ଗିର-ବରଗଡ଼ ମହାସମୁନ୍ଦ ଡିଭିଜନର ଏରିଆ କମାଣ୍ଡର ସୋମନାଥ ଅଚାଲା ଓରଫ୍ ମହେଶ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ସାମିଲ ହୋଇଛି। ପୁଲିସ ଉତ୍ତରାଞ୍ଚଳ ଆଇଜି ହିମାଁଶୁଲାଲ, ବଲାଙ୍ଗିର ଏସ୍‌ପି ରିଶିକେଷ ଖିଲାରୀ, ଆଇପିଏସ ଅଧିକାରୀ ଅମ୍ରିତ ପାଲ କୌରଙ୍କ ଉପସ୍ଥିତିରେ ସେ ଆତ୍ମସମର୍ପଣ କରିଛି। ଏହା ବଲାଙ୍ଗିର ପୁଲିସ ପାଇଁ ଏକ ବଡ଼ ସଫଳତା ହୋଇଥିବାବେଳେ ନିର୍ବାଚନ ପୂର୍ବରୁ ଜଣେ ଏରିଆ କମାଣ୍ଡର ହାର୍ଡକୋର କ୍ୟାଡର ମାଓବାଦୀ କ୍ୟାମ୍ପ ଛାଡିବା ନିହାତି ଭାବେ ମାଓ ସଙ୍ଗଠନକୁ ଶକ୍ତ ଧକ୍କା ଦେଇଛି।



## ସତ ହେଲା 'ସକାଳ' ଅନୁମାନ

ଗତ କିଛିଦିନ ତଳେ ବଲାଙ୍ଗିର ଓ ବରଗଡ଼ ଜିଲ୍ଲାର ଉଭୟ ପଟରୁ ଗର୍ନ୍ଧମାର୍ଦ୍ଦନରେ କମ୍ବିଂ ଅପରେସନ କରାଯାଇଥିଲା। ଏହି ସମୟରେ ଉଭୟ ପଟୁ ଫାୟାରିଂ ହୋଇଥିଲା। ଏଥିରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବା ବେଳେ ପୁଲିସ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ଏହା ପରେ ଗର୍ନ୍ଧମାର୍ଦ୍ଦନ ଜଙ୍ଗଲରେ ହଲଚଲ ଦେଖିବାକୁ ମିଳିଥିଲା। ପୁଲିସକୁ କିଛି ସଫଳତା ମିଳିଥିବା ନେଇ ଆଲୋଚନା ହେଉଥିବାବେଳେ ଏନେଇ ଖବର ପ୍ରକାଶ ପାଇଥିଲା। କିନ୍ତୁ ସେହି ସମୟରେ ପୁଲିସ ଏହାକୁ ଅସ୍ୱୀକାର କରିଥିଲା ସତ କିନ୍ତୁ ଏହାର କିଛିଦିନ ପରେ ଜଣେ ହାର୍ଡକୋର କ୍ୟାଡର ମାଓବାଦୀର ଆତ୍ମସମର୍ପଣ ଅନୁମାନକୁ ସତ କରିଛି। ଆତ୍ମସମର୍ପଣ କରିଥିବା ମାଓବାଦୀ ସୋମନାଥ ଅଚାଲାକୁ ପୁଲିସ ଗର୍ନ୍ଧମାର୍ଦ୍ଦନ ଅଞ୍ଚଳରୁ ହିଁ ଉଠାଇଥିବା ଆଲୋଚନା ହେଉଛି। କିଛି ଦିନ ପଚରାଉଚୁରା କରିବା ପରେ ତାକୁ ଆତ୍ମସମର୍ପଣ କରିବା ପାଇଁ ସୁଯୋଗ ଦେଇଥିବା ବେଳେ ସେ ଏଥିରେ ରାଜି ହୋଇଥିବା ଚର୍ଚ୍ଚା ହେଉଛି। ତେବେ ବିଷୟ ଯାହା ହେଉନା କାହିଁକି ଏହା ପୁଲିସ ପାଇଁ ଏକ ବଡ଼ ସଫଳତା।

## ବଲାଙ୍ଗିର ପୁଲିସକୁ ପ୍ରଶଂସା

ବଲାଙ୍ଗିର ଜିଲ୍ଲା ମାଓବାଦ ବିରୋଧରେ ଗତ କିଛି ମାସ ହେଲା ଅପରେସନ ଜାରି ରହିଛି। ନିଜେ ଏସ୍‌ପି ରିଶିକେଶ ଖିଲାରୀ ଏହାର ନେତୃତ୍ୱ ନେଇ ନିୟମିତ ବ୍ୟବଧାନରେ ଏରିଆ ଡୋମିନେସନ, କମ୍ବିଂ ଅପରେସନ, ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଯାହାର ସଫଳତା ପୁଲିସକୁ ମିଳିଥିବା ଉତ୍ତରାଞ୍ଚଳ ଆଇଜି ହିମାଁଶୁଲାଲ କହିଛନ୍ତି। ମାଓ ପ୍ରଭାବିତ ଅଞ୍ଚଳରେ ଗ୍ରାମବାସୀଙ୍କୁ ସଚେତନ କରିବା, ଗୁଇନ୍ଦା ରିପୋର୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବଲାଙ୍ଗିର ଏସ୍‌ପି ଖୁବ ଦକ୍ଷତାର ସହ ଦାୟିତ୍ୱ ତୁଲାଉଥିବା ବେଳେ ଶନିବାର ତାଙ୍କର କାର୍ଯ୍ୟଦକ୍ଷତା, ତାଙ୍କ ଟିମରେ ଥିବା ଅନ୍ୟ ପୁଲିସ ଅଧିକାରୀଙ୍କୁ ଉତ୍ତରାଞ୍ଚଳ ଆଇଜି ପ୍ରଶଂସା କରିଥିଲେ। ନିର୍ବାଚନ ସମୟରେ ମାଓହିଂସା ଏକ ବଡ଼ ସମସ୍ୟା ହୋଇଥିବାବେଳେ ଏହି ସମୟରେ ଜଣେ କ୍ୟାଡର ମାଓବାଦୀକୁ ଆତ୍ମସମର୍ପଣ କରିବା ପୁଲିସ ଏକ ପାଇଁ ଏକ ବଡ଼ ସଫଳତା ଓ ଏହାର ଶ୍ରେୟ ଏସ୍‌ପି ଓ ତାଙ୍କ ଟିମକୁ ଆଇଜି ଦେଇଛନ୍ତି।

## ମାଓବାଦୀ ମୁହଁରେ ସରକାରୀ ସଫଳତା

ଶନିବାର ଆତ୍ମସମର୍ପଣ କରିଥିବା କ୍ୟାଡର ମାଓବାଦୀ ମୁହଁରେ ରାଜ୍ୟ ସରକାରଙ୍କ ସଫଳତା ଶୁଣିବାକୁ ମିଳିଥିଲା। ମାଓବାଦୀ ସୋମବାନ ଅଚଲା କହିବା ଅନୁସାରେ ସେ ୨୦୦୬ରେ ମାଓ ସଙ୍ଗଠନରେ ଯୋଗଦେଇଥିଲେ। ଏହା ପରେ ସେ ୨୦୧୧ରେ ବଲାଙ୍ଗିରକୁ ଆସିଥିଲେ। ଦୀର୍ଘ ୧୪ ବର୍ଷ ଧରି ସେ ରାଜ୍ୟ ସରକାରଙ୍କ କାର୍ଯ୍ୟଧାରାକୁ ଦେଖିଆସିଛନ୍ତି। ରାଜ୍ୟ ସରକାର ଆଦିବାସୀ ମାନଙ୍କ ଉନ୍ନତି ପାଇଁ ପ୍ରୟାସ କରିଥିବାବେଳେ ସେମାନଙ୍କ ପାଇଁ ଦୁର୍ଗମ ଅଞ୍ଚଳରେ ରାସ୍ତାଘାଟ, ଡାକ୍ତରଖାନା ନିର୍ମାଣ କରିଛନ୍ତି। ଯାହାକି ତାଙ୍କ ଆତ୍ମସମର୍ପଣ କରିବା ପଛରେ ମୁଖ୍ୟ କାରଣ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ମାଓ ସଙ୍ଗଠନ ଭିତରେ ବଢ଼ିଚାଲିଥିବା ଅରାଜକତା, ମାଓ ଦମନ ପାଇଁ କମ୍ବିଂ ଅପରେସନ ଯୋଗୁ ସେ ମାଓ ସଙ୍ଗଠନ ଛାଡି ସରକାରଙ୍କ ପାଖରେ ଆତ୍ମସମର୍ପଣ କରି ଏକ ସାଧାରଣ ନାଗରିକ ଭଳି ବଞ୍ଚିବାକୁ ଚାହୁଁଥିବା ସୋମନାଥ କହିଛି। କେବଳ ଏତିକି ନୁହଁ ନିଜେ ନିଜ ଶିବିରରେ ଥିବା ଅନ୍ୟ ମାଓବାଦୀମାନଙ୍କୁ ମଧ୍ୟ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଅନୁରୋଧ କରିଛି।

# ଟାଟା ପାୱାର କାର୍ଯ୍ୟାଳୟରେ ପ୍ରତିବାଦ

**ଦେବଗଡ଼, ୧୬।୩(ସମିସ):** ଦେବଗଡ଼ ଜିଲ୍ଲାର ଗ୍ରାମାଞ୍ଚଳରେ ବିଦ୍ୟୁତ ଯୋଗାଣକାରୀ ସଂସ୍ଥା ଟିପିଡବ୍ଲ୍ୟୁଓଡିଏଲ କର୍ମଚାରୀ ଜୁଲୁମ ଚଳାଇଛନ୍ତି। ଏହାର ପ୍ରତିବାଦରେ ତିଳେଇବଣି ବ୍ଲକ ଡିମିରିକୁଦା, କଂସର ଓ ଲଇମୁରା ପଞ୍ଚାୟତର ଅଧିବାସୀ ଜିଲ୍ଲା ମୁଖ୍ୟାଳୟସ୍ଥିତ ଟିପିଡବ୍ଲ୍ୟୁଓଡିଏଲ କାର୍ଯ୍ୟାଳୟରେ ପ୍ରତିବାଦ ଜଣାଇଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଶ୍ୟାମଘନ ବାଘ ଓ ଅମୂଲ୍ୟ ଧାରୁଆ ପଞ୍ଚାୟତ ବାସୀଙ୍କ ନେତୃତ୍ୱ ନେଇଥିଲେ ଟିପିଡବ୍ଲ୍ୟୁଓଡିଏଲ କର୍ମଚାରୀ ଗ୍ରାମବାସୀଙ୍କଠାରୁ ଭୁଲ୍ ବିଦ୍ୟୁତ ବିଲ୍‌ର ସଂଶୋଧନ ବିନା ବଳ ପୂର୍ବକ ବିଦ୍ୟୁତ ଦେୟ ଅସୁଲି କରୁଛନ୍ତି। ଗରିବ ଆଦିବାସୀ ଶ୍ରେଣୀର ଉପଭୋକ୍ତାଙ୍କୁ ଅର୍ଥ ପେଠ କରିବା



ନିମନ୍ତେ ସମୟ ଦେଉ ନାହାନ୍ତି। ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ଦେଉଛନ୍ତି। ଏଣୁ କମ୍ପାନୀ କର୍ମଚାରୀ ସେମାନଙ୍କ ବ୍ୟବହାରରେ ଯଦି ପରିବର୍ତ୍ତନ ନ କରନ୍ତି ତେବେ ଆଇନକୁ ହାତକୁ ନେବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ତେବେ କମ୍ପାନୀ ଅଧିକାରୀ ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଛନ୍ତି। ଭୁଲ୍ ବିଦ୍ୟୁତ୍ ବିଲ୍‌ର ସଂଶୋଧନ ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମବାସୀଙ୍କ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ ପାଇଁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ପାରପୋଷି, ଝରାଗୋଗୁଆରେ ଜନସଭା

**ଦେବଗଡ଼, ୧୬।୩(ସମିସ):** ତିଳେଇବଣି ବ୍ଲକର ପାରପୋଷି ଓ ଝରାଗୋଗୁଆ ପଞ୍ଚାୟତର ଜନ ସାଧାରଣଙ୍କୁ ନେଇ ଡୁରି ଜଙ୍ଗଲରେ କଂଗ୍ରେସ ପକ୍ଷରୁ ଜନସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ କୁଶ କିସାନ, ପୂର୍ବତନ ସମିତି ସଦସ୍ୟ ପେରେଇ କିସାନ, ରବୀନ୍ଦ୍ର କିସାନ, ପାଉଲୁସ ଖାଲଖୋ ଓ ଦୀନବନ୍ଧୁ କିଷାନଙ୍କ ତତ୍ତ୍ୱାବଧାନରେ ବହୁ ଜନସାଧାରଣ ଉପସ୍ଥିତ ଥିଲେ।



### କୁଣ୍ଡେଇଗୋଲା ସରପଞ୍ଚଙ୍କ ଅଭିଯୋଗ ଶୁଣିଲାନି ପ୍ରଶାସନ

# ଧାରଣାରେ ବସିଲେ ସରପଞ୍ଚ

**ରିଆମାଳ, ୧୬।୩(ସମିସ):** ରିଆମାଳ ବ୍ଲକ ପ୍ରଶାସନ କୁଣ୍ଡେଇଗୋଲା ସରପଞ୍ଚ ଗୀତାଞ୍ଜଳି ପ୍ରଧାନଙ୍କ ଅଭିଯୋଗ ଶୁଣିଲାନି। ଏହା ଫଳରେ ଦେବଗଡ଼ ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଛି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୀଳାବତୀ ବେହେରା ମନମାନୀ ଚଳାଇଛନ୍ତି। ସରପଞ୍ଚଙ୍କୁ ନ ଜଣାଇ ମନ ଇଚ୍ଛା କାର୍ଯ୍ୟ କରୁଛନ୍ତି। ଏ ନେଇ ୨୦୨୩ ଜୁଲାଇ ୨୩ ଓ ୨୦୨୪ ଜାନୁଆରୀ ୨୨ରେ ପରା ପଞ୍ଚାୟତର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଓ ବିଡ଼ିଓଙ୍କୁ



ସରପଞ୍ଚ ଅଭିଯୋଗ କରିଥିଲେ; ମାତ୍ର ଏତେ ଦିନ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ନାହିଁ। ଏହା ଫଳରେ ସରପଞ୍ଚ ଗୀତାଞ୍ଜଳି ଜିଲ୍ଲା ସରପଞ୍ଚ ସଂଘକୁ ଜଣାଇଥିଲେ। କଟାସରସ୍ଥିତ ଶୈବ ପୀଠରେ ବୈଠକ ଡକାଯାଇ ଏ ବିଷୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ବିଡ଼ିଓଙ୍କୁ ଅବଗତ କରାଯାଇଥିଲା; ମାତ୍ର କିଛି ସୁଫଳ ନ ହେବାରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଶେଷରେ ଅନଶନ ଆରମ୍ଭ ହୋଇଛି। ଦେବଗଡ଼ ଜିଲ୍ଲା ସରପଞ୍ଚ ସଂଘ ସଭାପତି ତଥା ଓଡ଼ିଶା ରାଜ୍ୟ ସରପଞ୍ଚ ମହାସଂଘ ମୁଖ୍ୟ ପରାମର୍ଶଦାତା ସତ୍ୟ ନାରାୟଣ ପାଣିଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସରପଞ୍ଚ ସଂଘ ସମ୍ପାଦକ ପ୍ରକାଶ ଆଚାର୍ଯ୍ୟ, ଯୁଧିଷ୍ଠିର ପ୍ରଧାନ, ବୀଣାପାଣି ନାୟକ, ଭକ୍ତବନ୍ଧୁ ପ୍ରଧାନ, ଦିଲ୍ଲୀପ ଆଚାର୍ଯ୍ୟ, ସୁଶୀଲ କୁମାର, ଏଲିନା ସାହୁ, ଫକିର ମୋହନ ବେହେରା, ଶରତ ପ୍ରଧାନଙ୍କ ସମେତ ସମସ୍ତ ସରପଞ୍ଚ ଧାରଣାରେ ବସିଥିଲେ।

# ଫାର୍ମାସୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ବରପାଲି, ୧୬।୩ (ସମିସ):** ବରପାଲି ଟିଙ୍ଗିପାଲି ସମଲେଶ୍ୱରୀ ବିହାର ପରିସରରେ ଫାର୍ମାସୀ ମହାବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଅଧିକାରୀ ଡା.ସାଧୁଚରଣ ଦାଶ ଉଦ୍‌ଘାଟନ କରିଥିଲେ। ପରିଚାଳନ କମିଟି ଅଧ୍ୟକ୍ଷ ନରେନ୍ଦ୍ର ହୋତାଙ୍କ ତତ୍ତ୍ୱାଧାନରେ ଉତ୍ସବଟି ସଞ୍ଚାଳିତ ହୋଇଥିଲା। ମହାବିଦ୍ୟାଳୟ ସଭାପତି ହିମାଂଶୁ ମୋହନ ଦେଓଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ପରିଚାଳନା କମିଟି ସମ୍ପାଦକ ଦାମୋଦର ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଡ. ରଞ୍ଜନ ସାହୁ ଓ ଅଧ୍ୟକ୍ଷ ଅର୍ନ୍ତବାଦିତ୍ୟ ମହାନ୍ତି ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ୩ଜଣ ମହାନ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। ବରଗଡ଼ କିଶୋର ଚନ୍ଦ୍ର ସାହୁ ଦିବ୍ୟାଙ୍ଗଙ୍କ ପ୍ରତି ସେବା ମନୋବୃତି, ବିଜେପୁର ସୃଷ୍ଟିଲେଖା ପୁରୋହିତ କୃଶଳି ଚିତ୍ରଶିଳ୍ପୀ ଓ ବରଗଡ଼ର ସଂଘମିତ୍ରା ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଡ.ଆଶୁତୋଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ବିଶ୍ୱ କଳାମୋତିଆ ବିନ୍ଦୁ ସପ୍ତାହ

**ଦେବଗଡ଼, ୧୬।୩(ସମିସ):** ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ କଳାମୋତିଆ (ଗ୍ଲୁକମା) ସପ୍ତାହ ପାଳିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଶ୍ୱମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଅନ୍ଧତ୍ୱ ଦୂରୀକରଣ ନିମନ୍ତେ ଲୋକଙ୍କୁ ସଚେତନତା କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଏହାର ବାର୍ତ୍ତା ଉଜ୍ଜଳ ଦୁନିଆକୁ ଉପଭୋଗ କରିବା ପାଇଁ ଚକ୍ଷୁର ଯତ୍ନ ନେବା ଉପରେ ଆଲୋକପାତ କରିଥିଲେ। ବୃଦ୍ଧ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଚକ୍ଷୁ ବିଶେଷଜ୍ଞଙ୍କ ଡାକ୍ତର ଅମ୍ରିତ ପ୍ରିତମ ମହାପାତ୍ର କଳା ମୋତିଆ ବିନ୍ଦୁ ହେବାର କାରଣଗୁଡିକ ଆଲୋଚନା କରିଥିଲେ। ବଂଶଗତ, ଆଖିରେ ମାତ୍ରାଧିକ ଚାପ, ଆଘାତ, ମଧୁମେହ ଓ ଉଚ୍ଚ ରକ୍ତଚାପ ଇତ୍ୟାଦି ଥିଲେ ଆଖିରେ କଳାମୋତିଆ ବିନ୍ଦୁ ହୋଇଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଉମେଶ ପ୍ରସାଦ ଷଡ଼ଙ୍ଗୀ, ଏନ୍‌ସିଡି ମ୍ୟାନେଜର ଅମୀୟ ସାହୁ, ଏଏନ୍‌ଏମ୍ ତାଲିମ୍ କେନ୍ଦ୍ରର ଛାତ୍ରୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସହକାରୀ ଜନ ସ୍ୱାସ୍ଥ୍ୟ ଓ ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।



# ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ତାଲିମ, ପରୀକ୍ଷଣ ଶିବିର

**ଦେବଗଡ଼, ୧୬।୩(ସମିସ):** ଲଇମୁରା ସମନ୍ୱୀତ ୱାଡି ପ୍ରକଳ୍ପ ପକ୍ଷରୁ ନାବାର୍ଡ ସହାୟତା ଓ ସାର୍କ ପରିଚାଳନାରେ




ପାରପୋଷି ପଞ୍ଚାୟତର ରୁକୁଡା ଓ ଡୁରିଜଙ୍ଗଲରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ତାଲିମ ଓ ପରୀକ୍ଷଣ ଶବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ୨ଟି ଶିବିରରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଜନ ସଚେତନତା ସୃଷ୍ଟି କରାଯାଇଛି। ଶହେରୁ ଅଧିକ ବିଭିନ୍ନ ରୋଗୀଙ୍କୁ ପରୀକ୍ଷା କରାଯାଇ ନିଃଶୁଳ୍କ ଔଷଧ ପ୍ରଦାନ କରାଯାଇଥିଲା। ଅଶୋକ ପାଣିଗ୍ରାହୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚିକିତ୍ସକ ଡାକ୍ତର ରାଜାରାମ ଷଡଙ୍ଗୀ ଓ ତାଲିମ ପ୍ରଶିକ୍ଷିକ ଜୀବର୍ଦ୍ଧନ କ୍ଷେତୀ ଶିବିରରେ ତାଲିମ ପ୍ରଦାନ କରି ସୁସ୍ଥ ଜୀବନ ଶୈଳୀ ଉପରେ ଉପସ୍ଥିତ ଜନ ସାଧାରଣଙ୍କୁ ବୁଝାଇଥିଲେ। ଲୋକନାଥ କଉଡି, ପ୍ରକଳ୍ପ ସଂଯୋଜକ ସୁରେନ୍ଦ୍ର ଭୋଇ ଓ ବିକାଶ ରଞ୍ଜନ ଭୋଇ ପରିଚାଳନା କରିଥିଲେ।

# ବିଧୁଭୂଷଣ ସାହିତ୍ୟ ସଂସଦର କବିତା ଆସର

**ତୁଷୁରା, ୧୬।୩(ସମିସ):** ବିଧୁଭୂଷଣ ସାହିତ୍ୟ ସଂସଦ ତୁଷୁରା ଆନୁକୂଲ୍ୟରେ ଅଧ୍ୟକ୍ଷ ଅଖିଳ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତା ଓ ହେମନ୍ତ ଦାଶଙ୍କ ସଭା ସଞ୍ଚାଳନରେ ବହୁଭାଷୀ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ସାହିତ୍ୟିକ ସଚ୍ଚିଦାନନ୍ଦ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଜୟ ଗୋପାଳ ଗୁରୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ସୁରେଶ ଚନ୍ଦ୍ର ସାହୁ, ବ୍ୟଙ୍ଗ କବି ପ୍ରମୋଦ କୁମାର ବୈଠାରୁ, ପ୍ରଜ୍ଞାପ୍ରାଣ ଗୋପିକୃଷ୍ଣ ପାଣ୍ଡିଆ ପ୍ରମୁଖ ଯୋଗଦେଇ ଥିଲେ। କବୟିତ୍ରୀ ଆହ୍ଲାଦିନୀ ପାଣିଗ୍ରାହୀ ଓ କବୟିତ୍ରୀ ତୃପ୍ତିମୟୀ ତ୍ରିପାଠୀଙ୍କ ସଂଯୋଜନାରେ ଉପସ୍ଥିତ କବି, କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ବ୍ୟଙ୍ଗକବି ସୁଶାନ୍ତ ମିଶ୍ର ଓ ପ୍ରମୋଦ କୁମାର ବୈଠାରୁ ବଙ୍ଗକବିତା ଶୁଣାଇ ଥିଲେ। କବୟିତ୍ରୀ ହୀରାବତୀ ସାହୁ, ପଦ୍ମାଳୟା ଗୁରୁ ଏବଂ କବି ଭକ୍ତ ବନ୍ଧୁ ସାହୁ, ସନ୍ତୋଷ କୁମାର ବେହେରା, ପ୍ରହଲ୍ଲାଦ ଦଣ୍ଡସେନା, ନିତ୍ୟାନନ୍ଦ ଷଡ଼ଙ୍ଗୀ, ଦେବାଶିଷ ମହାପାତ୍ର, ଟୁଟୁ ନାଗ, ଉମାକାନ୍ତ ବଗର୍ତ୍ତୀ, ଶୁଭେନ୍ଦୁ ଷାଣ୍ଡ, ବ୍ୟାସଦେବ ହେର, ଅନ୍ତର୍ଯ୍ୟାମୀ ବରିହା, ନାରାୟଣ ଜାଲ, ରାଜୀବ ପ୍ରସାଦ ଭୋଇ, କ୍ଷୀରେଶ୍ୱର ଦଳବେହେରା, ଗଜେନ୍ଦ୍ର ବାଗ, ଜୟରାମ ସାହୁ, ସୁଧାକର ପ୍ରଧାନ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବି ଭକ୍ତବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର

**ବଲାଙ୍ଗିର, ୧୬।୩ (ସମିସ):** ବଲାଙ୍ଗିର ପୌରପରିଷଦ ତରଫରୁ ପୌରାଧ୍ୟକ୍ଷା ଲିକା ସାହୁ ଓ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବଲାଙ୍ଗିର ସୁଦପଡ଼ା ୱାର୍ଡନମ୍ବର ୧୦ ର ହନୁମାନ ମନ୍ଦିରର ଉନ୍ନତୀକରଣ ପାଇଁ ୪ଲକ୍ଷ ଟଙ୍କା, ପହରୀ ମଣ୍ଡପ ପାଇଁ ୧୫ଲକ୍ଷ, ଗଣେଶ ମନ୍ଦିର ପାଇଁ ୪ ଲକ୍ଷ, ୱାର୍ଡ ନମ୍ବର ୯ ର ରାସ୍ତା ଉନ୍ନତୀକରଣ ୨୦ ଲକ୍ଷ ଟଙ୍କା, ୱାର୍ଡନମ୍ବର ୨୧ ର ଇଲେକ୍ଟ୍ରି ଅଫିସର ପଛପଟ ଜିଲ୍ଲା ବରିଷ୍ଠ ନାଗରିକଙ୍କ ପାଇଁ କମ୍ୟୁନିଟି ସେଣ୍ଟର ୧୦ ଲକ୍ଷ, ୱାର୍ଡନମ୍ବର ୧୮ ର ମଠଖାଇ ମନ୍ଦିରର ଉନ୍ନତୀକରଣ ପାଇଁ ୫ ଲକ୍ଷ ଟାଙ୍କର ଭିତ୍ତି ପ୍ରସ୍ତର ହୋଇଛି। ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମ୍ୟୁନିସିପାଲଟି ଚେୟାରମେନ ସାହୁଙ୍କ ସହିତ କାଉନସିଲର କିଶୋର କୁମାର, ଶତ୍ରୁଘ୍ନ ବାଗ, ସଂଯୁକ୍ତା ନାୟକ, ଗଙ୍ଗାଚାନ୍ଦଙ୍କ ସହିତ ବହୁ ବିଜେଡି ନେତା, କର୍ମୀ ତଥା ୱାର୍ଡର ବହୁ ମହିଳା, ଯୁବକମାନେ ଉପସ୍ଥିତ ଥିଲେ।



## 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

**ତୁଷୁରା, ୧୬।୩ (ସମିସ):** ତୁଷୁରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଶନିବାର ଦିନ 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ ଅଭିଭାବକଙ୍କୁ ନେଇ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ସହ ବିଭାଗ ନିରୀକ୍ଷକ ମନୋରଞ୍ଜନ କର ଏବଂ ସମ୍ମାନିତ ଅତିଥି ଭାବେତୁଷୁରା ଥାନା ଅଧିକାରୀ ସଞ୍ଜୀବ ପ୍ରଧାନ ଯୋଗଦେଇଥିଲେ। ପ୍ରକୃତରେ ଘରେ ହିଁ ଶିଶୁ ମାନେ ଉଚିତ ଶିକ୍ଷା ପାଇଥାନ୍ତି ସେଥିପାଇଁ ନିଜ ଶିଶୁ କିପରି ଭାବରେ ଶିକ୍ଷା ଦେବେ ତାହା ମାତା ପିତାଙ୍କ ହାତରେ ଥାଏ ଏବଂ ପରେ ବିଦ୍ୟାଳୟ ଠାରେ ପ୍ରମାଣ ପତ୍ର ପାଇଁ ନାମ ଲେଖାଇ ପ୍ରମାଣପତ୍ର ପାଇଥାନ୍ତି ବୋଲି ଅତିଥିମାନେ କହିଥିଲେ।

# କଣ୍ଟାବାଞ୍ଜି ବିଜେଡି ପକ୍ଷରୁ କଳାକାରଙ୍କୁ ସମ୍ବର୍ଦ୍ଧନା

**ତୁରେକେଲା, ୧୬।୩(ସମିସ)**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ଜିଆର ପେଲେସ ଠାରେ କଣ୍ଟାବାଞ୍ଜି ବିଜୁ ଜନତା ଦଳ ପକ୍ଷରୁ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀସ୍ତରୀୟ କଳାକାରଙ୍କୁ ନେଇ ଏକ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ବିଜେଡି ନେତା ଅଜୟ ଦାସ ଯୋଗ ଦେଇଥିଲେ। ଶହଶହ ପୁରୁଷ ମହିଳା କଳାକାର ଯୋଗ ଦେଇଥିବା ବେଳେ ଉପସ୍ଥିତ ସମସ୍ତ କଳାକାର ବର୍ଗଙ୍କୁ ସ୍ୱାଗତ କରାଯାଇଥିଲା। ରାଜ୍ୟ ସରକାର ସବୁବେଳେ କଳାକାରଙ୍କ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। କଳାକାର ଭତ୍ତା ପ୍ରଦାନ କରିବା ସବୁବେଳେ ତାଙ୍କ ଆନୁଷ୍ଠାନିକ ବ୍ୟବସ୍ଥା କରିଛନ୍ତି। କଳାକାର ବଞ୍ଚି ରହିଲେ ଆମ ଅଞ୍ଚଳ କଳା ସଂସ୍କୃତି ବଞ୍ଚିତ ରହିବ ବୋଲି ବିଜେଡି ନେତା ଅଜୟ ଦାସ କହିଛନ୍ତି। ମୁରିବାହାଲ ବ୍ଲକ ବିଜେଡି ସଭାପତି ମିନିକେତନ ପାତ୍ର, ଚନାବାହାଲ ସରପଞ୍ଚ କୁନ୍ତୀ ମେହେର, ମୁରିବାହାଲ କଳାକାର ବ୍ଲକ ସଭାପତି କୈଳାଶ ଦଣ୍ଡସେନା, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ସୁଧାକର ସାହୁ, ତୁରେକେଲା ବ୍ଲକ ସଭାପତି ଅମିଲ ପୁଟେଲ, କୈଳାସ ବେହେରା, ଧ୍ରୁବ ଚରଣ ବୁଢ଼େକ, ହରିଶ ଚନ୍ଦ୍ର ବାରିକ, ଗୌରଚନ୍ଦ୍ର ମେହେର, ଅଙ୍ଗୁରି ପ୍ରଧାନ, ବନବାଶ ସୁନା, ଚିତ୍ତରଞ୍ଜନ ବାଗ, ଅମୂଲ୍ୟ ନାଗ, ବିନୟ ବିଭାର, ଅଶୋକ କୁଅଁର, ଶାନ୍ତନୁ ବିଭାର, ବିଶାଳ ବେହେରା, ବିଷ୍ଣୁ ବେହେରା, ସରୋଜ



ମେହେର, ଗୁହାଲୁ ବେହେରା, ସସ୍ମିତା ଦଣ୍ଡସେନା, ସରୋଜିନୀ ବେହେରା, ବୈଦେଇ ବୈଠାରୁ, ଚନ୍ଦ୍ରିକା ଜାଲ, ସଂକ୍ରିତନ ଗାୟକା ସରସ୍ୱତୀ ଖରସେଲ, ସଞ୍ଚାର ବାୟକ ପିତାମ୍ବର ପନିକା, ଫକୀର ପ୍ରଧାନ, ମାର୍କଣ୍ଡ ପ୍ରଧାନ, ଡୋଳାମାଣି ପୁଟେଲ, ମଞ୍ଚ ପରିଚାଳନା କରିଥିଲେ। ଚିତ୍ତରଞ୍ଜନ ବାଗ ଓ ତିରୁପତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ତାରାପଦର ଗାଁ

**ଥୁଆମୂଳ ରାମପୁର, ୧୬।୩(ସମିସ)**

ଆଜିବି ଏମିତି ଅନେକ ଅଞ୍ଚଳ ଅଛି ଯେଉଁଠି ଅପହଞ୍ଚ ହୋଇପଡ଼ିଛି ସରକାରୀ ଯୋଜନା। ମିଳିପାରୁନି ସାଧାରଣ ମୌଳିକ ସୁବିଧା। ସ୍ୱାଧିନତାର ୭୭ ବର୍ଷ ବିତି ଯାଇଥିଲେ ମଧ୍ୟ ବିକାଶର ଅନେକ ସ୍ୱପ୍ନ ମଧ୍ୟରେ ହଜିଯାଇଛି ଉନ୍ନତ ଗ୍ରାମାଞ୍ଚଳର ଚିତ୍ର। ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହତଭାଗ୍ୟ ଗ୍ରାମବାସୀ। ଏଭଳି ଏକ ନଗ୍ନ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ତଳ ଆମପଦର ଗ୍ରାମ ପଞ୍ଚାୟତର ତାରାପଦର ଗାଁରେ। ଗୁଣପୁର-କାଶୀପୁର ରାଜ୍ୟ ରାଜପଥରୁ ମାତ୍ର ୨ କିଲୋମିଟର ଦୂର ଏହି ସୀମାନ୍ତ ଗାଁକୁ ସବୁଦିନିଆ ଭଲ ରାସ୍ତା ଖଣ୍ଡିଏ ନାହିଁ। ବର୍ଷା ଦିନେ ଏହି ଗାଁକୁ ଆମ୍ବୁଲାନ୍ସ ପହଞ୍ଚିବା

## ବିଜୁଳି ଆଲୁଅ ସାତସପନ
## ଫଳକରେ ସୀମିତ 'ବସୁଧା' ଯୋଜନା
## ସ୍ୱଚ୍ଛ ଭାରତ ଅଭିଯାନର ବିକୃତ ଚିତ୍ର

ସମ୍ଭବ ହୋଇନଥାଏ। ମନରେଗା ମାଧ୍ୟମରେ ରାସ୍ତା ସଜାଡିବା ପାଇଁ ଯାହା ଖର୍ଚ୍ଚ କରିଛନ୍ତି ତାହା ମଧ୍ୟ ସନ୍ତୋଷଜନକ ନୁହଁ। ଆଦିବାସୀବହୁଳ ଏହି ଇଲାକାରେ ଆଜି ପର୍ଯ୍ୟନ୍ତ ବିଜୁଳି ଆଲୁଅ ସାତସପନ ହୋଇ ରହିଯାଇଛି। ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତ ଯୋଜନା ମାଧ୍ୟମରେ ତାରାପଦର ଗାଁକୁ ବିଦ୍ୟୁତ ସଂଯୋଗୀକରଣ ପାଇଁ ବିଦ୍ୟୁତ ଖୁଣ୍ଟ ପହଞ୍ଚିଥିଲା। କିନ୍ତୁ ଖୁଣ୍ଟ ଗୁଡିକ ଗାଁକୁ ପହଞ୍ଚି ପାରିନଥିବା ବେଳେ ସେଗୁଡିକ ଗାଁ ରାସ୍ତାର ଅଧବାଟରେ ପଡ଼ିରହିଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଗ୍ରାମବାସୀ ବିଜୁଳି ଆଲୁଅରୁ ବଞ୍ଚିତ ହୋଇ ରହିଛନ୍ତି। ଅବଶ୍ୟ



ଗାଁର ପ୍ରତ୍ୟେକ ଘରକୁ ଆଲୋକିତ କରିବା ପାଇଁ ସୌର ପ୍ରକଳ୍ପ ବ୍ୟବସ୍ଥା ହୋଇଛି। ହେଲେ ବର୍ତ୍ତମାନ ଅନେକ ପ୍ରକଳ୍ପ ଖରାପ ହୋଇଥିବା ବେଳେ ସମ୍ବଳ ଅଭାବ ଯୋଗୁଁ ଏହାକୁ ମରାମତି ସମ୍ଭବ ହେଉନଥିବା ଗ୍ରାମବାସୀ କହିଛନ୍ତି। ସରକାର ଗ୍ରାମାଞ୍ଚଳର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ଏହି ଗାଁ ପାଇଁ ଯୋଜନା ଗୁଡିକ ଉପହାସ ସଦୃଶ। ଗାଁର ଦୁଆର ମୁହଁରେ ଲାଗିଛି 'ବସୁଧା' ଯୋଜନାର ସୁନ୍ଦର ଫଳକ। ହେଲେ ଫଳକରେ ସୀମିତ ହୋଇ ରହିଯାଇଛି 'ବସୁଧା' ପିଇବା ପାଣି ଯୋଜନା। ଗାଁ ନିକଟ ଚାଷ ଜମିର ଦୂଷିତ ଝରପାଣି ହିଁ ଗ୍ରାମବାସୀଙ୍କ ବ୍ୟବହାରରେ ଆସିଥାଏ। ଗାଁ ପ୍ରବେଶ ଦ୍ୱାରରେ ଲାଗିଛି ବାହ୍ୟ ମଳମୁକ୍ତ ଫଳକ। କିନ୍ତୁ ଏଥିରେ ବି ଦେଖିବାକୁ ମିଳିଛି 'ସ୍ୱଚ୍ଛ ଭାରତ'ଯୋଜନା ଦିଗହରା ହୋଇଛି। ପ୍ରତ୍ୟେକ ଘର ପାଇଁ 'ସ୍ୱଚ୍ଛ ଭାରତ' ଶୌଚାଳୟ ନିର୍ମାଣ ହୋଇଛି। ଜଳଯୋଗାଣ ଅଭାବ ଯୋଗୁଁ ଏହି ପାଇଖାନା ଗୁଡିକ ଭଙ୍ଗା ଦଦରା ହୋଇ ପଡ଼ିଥିବା ବେଳେ ଗ୍ରାମବାସୀ ବାହାରେ ମଳତ୍ୟାଗ କରିବାକୁ ବାଧ ହେଉଥିବା ଅଭିଯୋଗ ମଧ୍ୟ ଆସିଛି। ଶୌଚାଳୟ ଗୁଡିକ କାଠ, କୁକୁଡ଼ା ଓ ଛେଳି ଘର ଭାବରେ ବ୍ୟବହାର ହେଉଛି। ପରିମଳ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ଅବହେଳିତ ଥିବା ଏହି ଗାଁରେ ସୃଷ୍ଟି ହୋଇଛି ଦୂଷିତ ପରିବେଶ। ଗାଁର କୋମଳମତି ଛୁଆଙ୍କ ଶିକ୍ଷା ପାଇଁ ବିଦ୍ୟାଳୟ ଏବଂ ଅଙ୍ଗନବାଡି କେନ୍ଦ୍ର ବ୍ୟବସ୍ଥା ହୋଇଛି। ଆଜି ପର୍ଯ୍ୟନ୍ତ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଘର ନ ଥିବା ବେଳେ ବର୍ତ୍ତମାନ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ନୂତନ ଅଙ୍ଗନବାଡି କେନ୍ଦ୍ର ରହିଛି। ଅବଶ୍ୟ ଗାଁରେ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଅଛି, ସେଠାରେ ଦୁଇ ଜଣ ଶିକ୍ଷକ ଶିକ୍ଷାଦାନ କରୁଥିବା ଜଣାପଡ଼ିଛି। ତାରାପଦର ଗାଁର ଅନେକ ଅସହାୟ ବୃଦ୍ଧ ବୃଦ୍ଧା, ବିଧବା ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ରହିଥିବା ଜଣାପଡ଼ିଛି। ଗରିବ ଲୋକ ସରକାରୀ ଯୋଜନାରୁ ଉପକୃତ ହେବା ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ ହୋଇସାରିଛି। ଆଧାର କାର୍ଡ ପରିଚୟ ପତ୍ର ପାଇଁ ଗ୍ରାମର ଅନେକ ଲୋକ ଥୁଆମୂଳ ରାମପୁର ଓ ଭବାନୀପାଟଣା ଯାଇ ଯାଇ ନୟାନ୍ତ ହେଲେଣି। ଯେଉଁଥିପାଇଁ ସାମାଜିକ ସୁରକ୍ଷା ଯୋଜନା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ରହିଥିବା ଅଭିଯୋଗ ଆସିଛି। ନିର୍ବାଚନ ସମୟରେ ନେତାମାନେ ଆସି ପ୍ରତିଶ୍ରୁତି ଦେଇଥାନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଆଉ ସେମାନଙ୍କ ଦେଖା ମିଳୁନଥିବା ଅଭିଯୋଗ କରିଛନ୍ତି ତାରାପଦର ବାସୀ। ଅବହେଳିତ ତାରାପଦର ଗାଁର ସମସ୍ୟା ପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।







### ବିଶ୍ୱ କଳାମୋତିଆ ସପ୍ତାହ

# ଆଖିକୁ ଆଦୌ ଅବହେଳା କରିବା ଅନୁଚିତ୍

**ସୋନପୁର, ୧୬।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ସୋନପୁର ନର୍ସିଂ ସ୍କୁଲ ପ୍ରକୋଷ୍ଠରେ ବିଶ୍ୱ ଗ୍ଲୁକେମା ସପ୍ତାହ ପାଳିତ ହୋଇଯାଇଛି। ଆଖିର ଯତ୍ନ ଏବଂ ସଚେତନତା ସୃଷ୍ଟି କରି ଅନ୍ଧତ୍ୱ ଦୂର ନିମନ୍ତେ ସମସ୍ତେ ସହାୟକ ହେବା ପାଇଁ ଆହ୍ୱାନ ଦିଆଯାଇଛି। ଆଖି ଏକ ମୂଲ୍ୟବାନ ଅଙ୍ଗ। ଆଖି ପ୍ରତି ଆଦୌ ଅବହେଳା କରିବା ଅନୁଚିତ୍। ଆଖିରେ ସମସ୍ୟା ଦେଖା ଦେଲେ ସଙ୍ଗେ ସଙ୍ଗେ ତୁରନ୍ତ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ଅତିଥିମାନେ ମତ ରଖିଥିଲେ।

ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଅଧକ୍ଷ ଗ୍ଲାଡିସ ଦାସ, ଚକ୍ଷୁ ବିଶେଷଜ୍ଞ ଡା ଭାଗ୍ୟଶ୍ରୀ ପଧାନ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ, ଅଧ୍ୟାପକ ସଞ୍ଜୟ ପଧାନ, ଜିଲ୍ଲା ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ସାହୁ, ନିର୍ମଳଚନ୍ଦ୍ର ପତି ଓ ଡିଇଓ ଅଶ୍ୱିନୀ ମେହେର ଉପସ୍ଥିତ ରହି ଏହି ସପ୍ତାହ ପାଳନର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୦ ଜଣ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାରେ ସୁବର୍ଣ୍ଣପୁର ନର୍ସିଂ ସ୍କୁଲର ଛାତ୍ରଛାତ୍ରୀ, ସ୍ୱାସ୍ଥ୍ୟ ଅଧିକାରୀ, ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଉପସ୍ଥିତ ସମସ୍ତ ସଭ୍ୟସଭ୍ୟା ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।



### ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳିତ

# ଦୈନନ୍ଦିନ ଖାଦ୍ୟରେ ପୋଷକଯୁକ୍ତ ଖାଦ୍ୟ ସାମିଲ ପରାମର୍ଶ

**ସୋନପୁର, ୧୬।୩ (ସମିସ):** ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପୋଷଣ ପକ୍ଷ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟଅ ତିଥି ଭାବେ ଯୋଗ ଦେଇ ପୋଷକତତ୍ୱପୂର୍ଣ୍ଣ ଖାଦ୍ୟ ମାଣ୍ଡିଆକୁ ଯୁଗୋପଯୋଗୀ ଖାଦ୍ୟ ପ୍ରସ୍ତୁତ କରି ସମସ୍ତେ ନିଜ ନିଜର ଖାଦ୍ୟପେୟରେ ସାମିଲ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ବାଡ଼ି ବଗିଚାରେ ମିଳୁଥିବା ପୋଷକଯୁକ୍ତ ପନିପରିବାଗୁଡିକର ବିଶେଷ ବ୍ୟବହାର ସାଙ୍ଗକୁ ଶିଶୁଙ୍କୁ ନିୟମିତ ଭାବେ ଖୁଆଇବା ପାଇଁ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠିତ ସମାରୋହରେ ସମ୍ମାନିତ ଅତିଥିଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡ. ବିଭୁତି ଭୂଷଣ ମିଶ୍ର, ମିଲେଟ ମିଶନ ଜିଲ୍ଲା ଅଧିକାରୀ ବିଭୁତି ଭୂଷଣ ମେହେର, ମିଶନ ଶକ୍ତି ଡିପିସି ବିଶ୍ୱଜିତ ପରିଡ଼ା, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର କେଶବ ଚନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇଥିଲେ। ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ଶିଶୁ ଏବଂ ଗର୍ଭବତୀ ମା'ମାନଙ୍କ ଶାରୀରିକ ଓ ମାନସିକ ବିକାଶରେ ବିଶେଷ ସହାୟକ ହେଉଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟକୁ ଜିଲ୍ଲାର ପ୍ରତ୍ୟେକ ସ୍ତରରେ ବ୍ୟବହାର କରିବା ପାଇଁ ଅନୁରୋଧ କରାଯାଇଛି। ମାଣ୍ଡିଆ ଚାଷକୁ ଜିଲ୍ଲାରେ ଯେପରି ଆଗକୁ ନିଆଯାଇ ପାରିବ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମିଲେଟ୍ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ପସରାର ପ୍ରଦର୍ଶନୀ ଜିଲ୍ଲାର ୬ଟି ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଥିବା ଅଙ୍ଗନବାଡି କର୍ମୀ, ସହକର୍ମୀ ତଥା ମହିଳାମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ଏହି ଚାଷ ପ୍ରତି ଅଧିକରୁ ଅଧିକ ଚାଷୀ ଯେପରି ଆଗ୍ରହ ରଖିବେ ସେଥିପାଇଁ ଗ୍ରାମାଞ୍ଚଳରେ ଥିବା କୃଷି ଅଧିକାରୀ, ଆଶା ଓ ଅଙ୍ଗନବାଡି କର୍ମୀ ଜନସାଧାରଣଙ୍କୁ ସଚେତନତା କରାଇବାକୁ ଅତିଥିବୃନ୍ଦ ପରାମର୍ଶ ଦେଇଛନ୍ତି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ପରିଚାଳନା କରିଥିବା ବେଳେ ବିଭଗୀୟ କାର୍ଯ୍ୟକ୍ରମ ଅଧିକାରୀ ଅନିତା ଗୁରୁ ପୋଷଣ ପକ୍ଷ ପାଳନର ଆଭିମୁଖ୍ୟ ଓ ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଉଲୁଣ୍ଡା ସିଡିପିଓ ମନୋରମା ମିଶ୍ର କାର୍ଯ୍ୟକ୍ରମ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ପୋଷଣ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସଞ୍ଜୀବ ମିଶ୍ର, ସମସ୍ତ ସିଡିପିଓ, ମହିଳା ସୁପରଭାଇଜର, ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।

# ବିଜେଡିର ଶଙ୍ଖ ଜନସମ୍ପର୍କ ଯାତ୍ରା

**ତୁରେକେଲା, ୧୬।୩(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ତୁରେକେଲା ବ୍ଲକ ବଡ଼ଡକଲା, ସାନଡକଲା, ଗୁର୍ଲାଗୁଡା, ନାଗଫେନା ଏବଂ ତେତେଲଖୁଣ୍ଟି ଗାଁ ରେ ଯୁବ ବିଜେଡି ନେତା ଡା. ଅମଜତ ଖାଁନଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ଶଙ୍ଖ ଜନସମ୍ପର୍କ ଯାତ୍ର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ହାଜି ମହମ୍ମଦ ଆୟୁବ୍ ଖାନ ଯୋଗ ଦେଇଥିଲେ।



# ସାମ୍ବାଦିକଙ୍କ କଳାବ୍ୟାଜ୍ ପରିଧାନ

**ତୁଷୁରା, ୧୬।୩ (ସମିସ):** ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଅଧୀନ ତୁଷୁରା ଏନ଼୍ଏସି ଏବଂ ଗୁଡଭେଲା ବ୍ଲକର କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ କଳାବ୍ୟାଜ୍ ପରିଧାନ କରି ସଂଘ ସଭାପତି ସୁନୀଲ ଜୈନଙ୍କ ନେତୃତ୍ୱରେ ତୁଷୁରା ଏନଏସି ନିର୍ବାହୀ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ସାମ୍ବାଦିକଙ୍କ ସୁରକ୍ଷା ଓ ପେନସନ ପ୍ରଦାନ କରିବା ପାଇଁ ଉଲ୍ଲେଖ ଅଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ଉପସଭାପତି ପ୍ରକାଶ ପ୍ରଧାନ, ସମ୍ପାଦକ ଶମ୍ଭୁ ପ୍ରସାଦ ସାହୁ, କୋଷାଧକ୍ଷ ମନୀଷ ଅଗ୍ରୱାଲ, ଉପଦେଷ୍ଟା ବିନୋଦ ସୁନା, ସରସ ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



### ପ୍ରାଥମିକ ବିଦ୍ୟାଳୟସ୍ତରୀୟ ପରୀକ୍ଷା

# ପରିଚାଳନାରେ ତ୍ରୁଟି, ପ୍ରଶ୍ନପତ୍ର ନିଅଣ୍ଟ ଅଭିଯୋଗ

**ଭବାନୀପାଟଣା, ୧୬।୩(ସମିସ)**

ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିବା କ୍ଷେତ୍ରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଆସୁଛନ୍ତି। ହାଇସ୍କୁଲ ରୂପାନ୍ତରିତ କାର୍ଯ୍ୟ ଯେମିତି ଯୁଗାନ୍ତକାରୀ ପଦକ୍ଷେପ ବୋଲି କୁହାଯାଉଛି। କୋମଳମତି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସରକାର ବହୁବିଧ ସୁବିଧା ଯୋଗାଇ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ଦିଗ ପ୍ରତି ଧ୍ୟାନ ଦେଉଥିବା ବେଳେ ଜିଲ୍ଲାସ୍ତରରେ କେଉଁଠି ନା କେଉଁଠି ଘୋର ବ୍ୟତିକ୍ରମ ରହୁଥିବା ଅନୁମାନ କରାଯାଉଛି। ପୂର୍ବବର୍ଷମାନଙ୍କ ଭଳି ପ୍ରାଥମିକ ବିଦ୍ୟାଳୟସ୍ତରୀୟ ପରୀକ୍ଷାରେ ପରିଚାଳନାଗତ ତ୍ରୁଟି ପରିଲକ୍ଷିତ ହେଉଛି। ବିଶେଷ କରି ପ୍ରଶ୍ନପତ୍ର ନିଅଣ୍ଟ ଜନିତ ସମସ୍ୟା ଛାତ୍ରଛାତ୍ରୀ ଏବଂ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକଙ୍କୁ ଅଡୁଆରେ ପକାଉଛି। ଗତ ଦୁଇଦିନ ପୂର୍ବେ ଜିଲ୍ଲାର ପ୍ରାୟ କେତେକ ସ୍କୁଲରେ ପ୍ରଶ୍ନପତ୍ର ପହଞ୍ଚିଥିଲେ ମଧ୍ୟ ସବୁ ବିଷୟର ପ୍ରଶ୍ନପତ୍ର ପହଞ୍ଚି ନ ଥିବା ଏବଂ ଯାହା ବି ପହଞ୍ଚିଛି ତାହା ପରୀକ୍ଷାର୍ଥୀଙ୍କ ସଂଖ୍ୟା ଅନୁସାରେ ପହଞ୍ଚିପାରି ନ ଥିବା ଅଭିଯୋଗ ହେଉଛି। ଶିକ୍ଷା ବିଭାଗ ପ୍ରଥମ ପରୀକ୍ଷା ଦିନ ଭୋର ୪ଟା ସମୟରୁ ନିଅଣ୍ଟ ପଡୁଥିବା ପ୍ରଶ୍ନପତ୍ର ସ୍କୁଲ ପଠେଇବା ସତ୍ତ୍ୱେ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ଅନୁସାରେ ଯଥେଷ୍ଟ ହୋଇପାରୁନାହିଁ। ପ୍ରତିବର୍ଷ ଶିକ୍ଷକମାନେ ଜେରକ୍ସ ପ୍ରଶ୍ନପତ୍ର ଦ୍ୱାରା ପରୀକ୍ଷା କରାଇବା ଏକ ନିୟମିତ ଢାଞ୍ଚାକୁ ଆପଣେଇ ନେଇ ସାରିଛନ୍ତି। ପରୀକ୍ଷା ବାସ୍ତବିକ ଗୁରୁଦାୟିତ୍ୱ ତାହା ସୂଚାରୁରୂପେ ସମ୍ପାଦନ କରିବା ଜରୁରୀ ଏହା ବିଭାଗୀୟ ଅଧିକାରୀ କି କର୍ମଚାରୀ ହୃଦୟଙ୍ଗମ କରୁଥିବା ଜଣାପଡୁନାହିଁ। ଅନ୍ୟପକ୍ଷରେ



ସିଆରସିସିମାନଙ୍କ ହ୍ୱାଟସଆପ ଗ୍ରୁପରେ ବିଭିନ୍ନ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ନିଅଣ୍ଟ ପ୍ରଶ୍ନପତ୍ର କଥା ମେସେଜ କରି ଜଣାଉଛନ୍ତି। ପରୀକ୍ଷା ଆରମ୍ଭ ପରେ ପ୍ରଶ୍ନପତ୍ର ପାଇଁ ହଟହଟା ହେବା ହାସ୍ୟାସ୍ପଦ ଘଟଣା। କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକ ତଥା ସଦର ବ୍ଲକର ନିର୍ଦ୍ଦିଷ୍ଟ କିଛି ସ୍କୁଲକୁ ବାଦ୍ ଦେଲେ ଅଧିକାଂଶ ସ୍କୁଲରେ ପ୍ରଶ୍ନପତ୍ର ନିଅଣ୍ଟିଆ ସମସ୍ୟା ଦେଖାଯାଇଛି। ଜିଲ୍ଲାର ୨୧୨୪ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରୀକ୍ଷା ଚାଲିଛି। ଭବାନୀପାଟଣା ବ୍ଲକରେ ୨୧୫୧୭ ଛାତ୍ର ଛାତ୍ରୀ ପରୀକ୍ଷା ଦେଉଥିବାବେଳେ ଧର୍ମଗଡ଼ ବ୍ଲକ ୧୨୪୩୦, ଗୋଲାମୁଣ୍ଡା ୧୨୦୦୪, ଜୟପାଟଣା ୧୧୧୫୨, ଜୁନାଗଡ଼ ୧୫୪୩୭, କଳମପୁର ୪୭୦୫, କର୍ଲାମୁଣ୍ଡା ୩୯୭୧, କେସିଙ୍ଗା ୧୦୫୭୫, କୋକସରା ୧୦୧୫୦, ଲାଞ୍ଜିଗଡ଼ ୧୧୧୪୦, ଏମ ରାମପୁର ୬୯୯୦, ନର୍ଲା ୯୧୪୯ ଏବଂ ଥୁଆମୂଳ ରାମପୁର ବ୍ଲକର ୮୧୧୩ଜଣ ଛାତ୍ରଛାତ୍ରୀ ପ୍ରାଥମିକ ପରୀକ୍ଷା ଦେଉଥିବା ଛାତ୍ର ଉପସ୍ଥାନ ହିସାବ ସୂଚାଉଛି। ଜିଲ୍ଲାର ମୋଟ ପ୍ରାଥମିକ ଛାତ୍ରଛାତ୍ରୀ ସଂଖ୍ୟା ୧, ୩୭, ୩୩୩ ଜଣ ହୋଇଥିଲେ ହେଁ ପ୍ରତିବର୍ଷ ପ୍ରଶ୍ନପତ୍ର ଅଭାବ ସମସ୍ୟା ଦେହସୁହା ହୋଇଗଲାଣି। ଅନ୍ୟ ବ୍ଲକ ତୁଳନାରେ ଭବାନୀପାଟଣା ବ୍ଲକରେ ମାତ୍ରାଧିକ ବ୍ୟତିକ୍ରମ ପରିଲିକ୍ଷିତ ହୋଇଛି। କଳାହାଣ୍ଡି ଜିଲ୍ଲା ନିକଟ ଅତୀତରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଗର୍ବ ଓ ଗୌରବର କାରଣ ସାଜିଥିବା ସତ୍ତ୍ୱେ ବାସ୍ତବ ଚିତ୍ର ଏପରି ସାମ୍ନାକୁ ଆସିବା ଦୁର୍ଭାଗ୍ୟଜନକ ବୋଲି ଅନେକ ପ୍ରକାଶ କରିଛନ୍ତି। ପ୍ରଶ୍ନପତ୍ର ସ୍କୁଲ ଗୁଡିକରେ ପହଞ୍ଚାଇବା ଦାୟିତ୍ୱର ଥିବା ସିଆରସିସି ମାନେ କେତେ ଯତ୍ନବାନ ତାହା ସହଜରେ ଅନୁମେୟ। ଆସନ୍ତା ସୋମବାର ଦିନ ହେବାକୁ ଥିବା ପରୀକ୍ଷା ପ୍ରଶ୍ନପତ୍ର କେତକ ସ୍କୁଲରେ ଶନିବାର ସୁଦ୍ଧା ପହଞ୍ଚି ନ ଥିବା ଖବର ମିଳିଛି। ପ୍ରାଥମିକ ଶିକ୍ଷା ସାମାଜିକ ଭିତ୍ତିଭୂମିର ଏକ ମୁଖ୍ୟ ଉପାଦାନ। କୋମଳମତି ଶିଶୁଟିର ବୌଦ୍ଧିକ ଓ ମାନସିକ ବିକାଶ କ୍ଷେତ୍ରରେ ପ୍ରାଥମିକ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ଶିକ୍ଷାବିଭାଗ ପ୍ରାଥମିକ ଶିକ୍ଷାକୁ ନେଇ କି ପ୍ରକାର ବିଚାର କରୁଛନ୍ତି ତାହା ଜାଣିବା ମୁସ୍କିଲ। ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରତି ହେୟଜ୍ଞାନ ମନେ କରୁଥିବା ବିଭାଗୀୟ ଅଧିକାରୀ, କର୍ମଚାରୀ ନା ଶିକ୍ଷକ ଶିକ୍ଷୟିତ୍ରୀ କାହାକୁ ଦାୟୀ କରାଯାଇପାରେ ତାହା ବର୍ତ୍ତମାନର ସବୁଠାରୁ ବଡ଼ ପ୍ରଶ୍ନ ଭାବେ ଉଭାହୋଇଛି।

# ପ୍ରଧାନଶିକ୍ଷକଙ୍କ ସହ ୨ ଛାତ୍ର ସମ୍ବର୍ଦ୍ଧିତ

**ସିନାପାଲି, ୧୬।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଗୋଡାଳ ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଯୋଷୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହେବା ପରେ ଅଭିଭାବକମାନେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ସିନାପାଲି ବ୍ଲକର ବସୁପଦର ଗ୍ରାମଠାରେ ମାଳପଡ଼ା ଓ ବସୁପଦର ଗ୍ରାମର ଅଭିଭାବକମାନେ ମିଳିତ ଭାବେ ଏକ ସଭା କରି ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ବିରସିଂ ମାଝି, ନାରାୟଣ ମାଝି, ରଘୁନାଥ ମାଝି, କୁଷଧର ମାଝି ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ୨୦୨୩- ୨୪ ଶିକ୍ଷା ବର୍ଷରେ ଜିଲ୍ଲାରେ ସର୍ବୋଚ୍ଚ ମାର୍କ ରଖି ଏନଆରଟିଏସ କୃତିତ୍ୱ ହାସଲ କରିଥିବା ଛାତ୍ର ଓଁକାର ମାଝି ଓ କେଶରୀ ମାଝିଙ୍କୁ ଅଭିଭାବକ ତଥା ଗ୍ରାମବାସୀ ଔପଢୋକନ ଦେଇ ସମ୍ମାନୀତ କରିଥିଲେ। ପୂର୍ବତନ ଛାତ୍ର ବେଣୁଧର କୁବେର ଓ ଈଶ୍ୱର ରୁଦ୍ର ସହଯୋଗ କରିଥିଲେ।



## ରାଜ୍ୟସଭା ପାଣ୍ଠିରୁ ଭିମସାରକୁ ଆମ୍ବୁଲାନ୍ସ ପ୍ରଦାନ

**ବୁର୍ଲା, ୧୬।୩(ସମିସ):** ଭିମସାରକୁ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କ ୨୦୨୩-୨୪ ବର୍ଷର ସାଂସଦ ପାଣ୍ଠିରୁ ଆଜି ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଏହି ଅବସରରେ ଭିମସାରଠାରେ ନିର୍ଦ୍ଦେଶକ ଭାବଗ୍ରାହୀ ରଥ, ଅଧ୍ୟକ୍ଷା ପ୍ରଫେସର ଜୟଶ୍ରୀ ଦୋରା, ଅଧିକ୍ଷକ ପ୍ରଫେସର ଲାଲମୋହନ ନାୟକ, ସମାଜିକ କର୍ମୀ ନିହାଲ ସିଂ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଆଶିଷ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଭିମସାରକୁ ଆସୁଥିବା ରାଜ୍ୟର ବିଭିନ୍ନ ଅଞ୍ଚଳର ରୋଗୀଙ୍କ ପାଇଁ ଏହା ବେଶ ସହାୟକ ହେବା ନେଇ ଆଶା କରାଯାଉଛି। ଭିମସାର ନିର୍ଦ୍ଦେଶକ ଆମ୍ବୁଲାନ୍ସର ଚାବିକୁ ସମାଜିକ କର୍ମୀ ଶ୍ରୀ ସିଂଙ୍କୁ ପ୍ରଦାନ କରିଥିଲେ। ଏହି ଆମ୍ବୁଲାନ୍ସର ପରିଚାଳନା ଦାୟିତ୍ୱ ସିଂ କରିବେ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ଗଣ୍ଡା ସମାଜ କଲ୍ୟାଣ ପରିଷଦର ସାଧାରଣ ସମ୍ପାଦକ ଅମିନ ମହାନନ୍ଦ, କୋଷାଧ୍ୟକ୍ଷ ନୀଳାଞ୍ଚଳ ସୁନା, ରାଜ୍ୟସଭା ସାଂସଦଙ୍କ ଧନକଉଡ଼ା ପ୍ରତିନିଧି ସୁବାସ ମିଶ୍ର, ସୁଧିର ପଟ୍ଟନାୟକ, ବିକାଶ ତରିଆ, ଅଜୟ ମହାକୁର, ଭଜ ନାଗ, ଭୁଷଣ ପ୍ରସାଦ, କାଳିଆ ଚାଣ୍ଡେଲ, ସରକାରୀ ଓକିଲ ଲକ୍ଷ୍ମୀଧର ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ।



## ବନାଗ୍ନି ନିୟନ୍ତ୍ରଣ ଲାଗି ସଚେତନତା

**ସମ୍ବଲପୁର, ୧୬।୩(ସମିସ):** ରେଙ୍ଗାଲି ବନାଞ୍ଚଳ ଅନ୍ତର୍ଗତ ବାଉଁଶେନ ଓ ମେନକାପଡ଼ା ଉଭୟ ଗ୍ରାମରେ ସଚେତନତା ସଭା ଓ ର୍‍ୟାଲି ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ବନାଞ୍ଚଳ ଅଧିକାରୀ ସୁଜାତା ପଟେଲଙ୍କ ଅଧ୍ୟକ୍ଷତାରେ ଓ କ୍ଷେତ୍ର ସଂଯୋଜିକା ସବିତା ପଟେଲଙ୍କ ସଂଯୋଜନାରେ ଉଭୟ ଗ୍ରାମରେ ସଚେତନତା ର୍‍ୟାଲି ଓ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବନପାଳ ସୁଶିଲ କୁମାର ମହାପାତ୍ରଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ପ୍ରକୃତି ପ୍ରେମୀ ବଂଶୀଧର କର ସାମ୍ପ୍ରତିକ ପରିସ୍ଥିତିରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ଜଙ୍ଗଲ ପୋଡି ପରିବେଶ ଉପରେ ପଡୁଥିବା କୁପ୍ରବାହ ଓ ବନ୍ୟଜନ୍ତୁଙ୍କ ପ୍ରତି ବିପଦ ଉପରେ ଆଲୋଚନା କରିଥିଲେ। ଗୋଲେକ ଗାଇଗରିଆ, ସତ୍ୟନାରାୟଣ ଭୋଇ, ଶିବଶଙ୍କର ବିଭାର, ରଜନୀଗନ୍ଧା ବିଶ୍ୱାଳ, ମଗୁଶିର ଖଡିଆ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




## ପ୍ରଫୁଲ୍ଲ ମହାପାତ୍ରଙ୍କ ବିୟୋଗରେ ଶୋକସଭା

**ସମ୍ବଲପୁର, ୧୬।୩(ସମିସ):** ସ୍ଥାନୀୟ ମହାନ୍ତିପଡ଼ାସ୍ଥିତ ଦଧିବାବନ କଲ୍ୟାଣ ମଣ୍ଡପରେ ଦଧିବାବନ ସାଂସ୍କୃତିକ ସଂଘ ଏବଂ ଅଜନ୍ତା କ୍ଲବ ଆନୁକୂଲ୍ୟରେ ସମାଜସେବୀ ପ୍ରଫୁଲ୍ଲ ମହାପାତ୍ରଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ସଭ୍ୟ ବିପିନ ବିହାରୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଭାରେ କୃଷ୍ଣଚନ୍ଦ୍ର ମହାପାତ୍ର, ଲମ୍ବୋଦର ମିଶ୍ର, ପ୍ରଣବ ନନ୍ଦ ଦାନୀ, ମନବୋଦ ମିଶ୍ର, ଦୁର୍ଗା ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ଦାବି ପୂରଣ ନେଇ ଡିଏମ୍ଇଟି ସଦସ୍ୟଙ୍କ ପ୍ରତିଶ୍ରୁତି**

# ଆନ୍ଦୋଳନରୁ ଓହରିଲେ ଭିମସାର ଜୁନିୟର ଡାକ୍ତର

**ବୁର୍ଲା, ୧୬।୩ (ସମିସ)**

ବୁର୍ଲା ଭିମସାର ଜୁନିୟର ଡାକ୍ତର ସଂଘ ପକ୍ଷରୁ ୧୪ ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଆଜି ଓହରିଯାଇଛନ୍ତି। ଆଜି ଡଏମଇଟିର ଡାକ୍ତର ସଚିଦାନନ୍ଦ ମହାନ୍ତି ଓ ଡାକ୍ତର ଉମାକାନ୍ତ ଶତପଥି ସମ୍ବଲପୁର ଆସିଥିଲେ। ପ୍ରଥମେ ଆରଡିସି ଶ୍ରୀକାନ୍ତ ପୃଷ୍ଟି, ଜିଲ୍ଲାପାଳ ଅକ୍ଷୟ ସୁନୀଳ ଅଗ୍ରୱାଲ ସହ ଆଲୋଚନା କରିଥିଲେ। ପରେ ଭିମସାର ସମ୍ମୁଖରେ ଚାଲିଥିବା ଆନ୍ଦୋଳନ ସ୍ଥଳକୁ ଆସିଥିଲେ। ଡାକ୍ତର ମାନଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ଦାବି ଶୁଣିବା ପରେ ପର୍ଯ୍ୟାୟକ୍ରମେ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଡାକ୍ତର ମାନଙ୍କ ସାଧାରଣ ପରିଷଦ ବୈଠକ ହୋଇଥିଲା। ଏଥିରେ ସନ୍ଧ୍ୟା ୬ ଟା ପରେ ଆନ୍ଦୋଳନ ପ୍ରତ୍ୟାହୃତ କରିବେ। ଯଦି ଦାବି ପୁରଣ ନ ହେବ ତାହା ହେଲେ ପୁଣି ଆନ୍ଦୋଳନ ହେବ ବୋଲି ମତ ପ୍ରକାଶ ପାଇଥିଲା। ସମସ୍ତଙ୍କ ଡାକ୍ତରଙ୍କ ମତାମତ ଅନୁସାରେ ଆନ୍ଦୋଳନରୁ ଓହରି ଯାଇଥିଲେ। ଆସନ୍ତା କାଲି ଠାରୁ ସ୍ୱାଭାବିକ ଭାବେ ରୋଗୀ ସେବା ହେବ ବୋଲି ଆଶା କରାଯାଉଛି। ସୂଚନା ଯୋଗ୍ୟଯେ, ଗତ ଗୁରୁବାର ଦିନଠାରୁ ଡାକ୍ତରମାନେ ମେଡିକାଲ ସମ୍ମୁଖରେ ଧାରଣାରେ ବସିଥିଲେ। ଯଭିମସାରର ହାଉସ ସର୍ଜନ ଓ ୟୁଜି ମେଡିକାଲ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ସେମାନଙ୍କ ଦାବି ଅନୁସାରେ ଭିମସାର ସ୍ୱୟଂଶାସିତ ମେଡିକାଲ ହୋଇଥିବା ବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନରେ ପରୀକ୍ଷା ନକରିବା, ଶିକ୍ଷା ଋଣ ଓ ଷ୍ଟାଇପେଣ୍ଡ ଆବେଦନରେ ସରଳତା, ହଷ୍ଟେଲରେ ବିଭିନ୍ନ ସମସ୍ୟାର ସମାଧାନ, ଏମ୍‌ଆର୍‌ଆଇ ସେବା କାର୍ଯ୍ୟକ୍ଷମ ପରି ୧୪ଟି ଦାବି ରହିଥିଲା। ମେଡିକାଲର ବିଭିନ୍ନ ସମସ୍ୟା ତଥା ଡାକ୍ତରୀ ଛାତ୍ରଙ୍କ ଷ୍ଟାଇପେଣ୍ଡ ନମିଳିବା ସମସ୍ୟା ନେଇ ଦୀର୍ଘ ୬ମାସ ଧରି ଦାବି କରାଯାଇ ଆସୁଥିଲା। ତେବେ ବୁଧବାର ସୁଦ୍ଧା ମେଡିକାଲ କଲେଜ କର୍ତ୍ତୃପକ୍ଷ ତଥା ରାଜ୍ୟ ସରକାର କୌଣସି ସକାରତ୍ମକ ପଦକ୍ଷେପ ନେଇନଥିଲେ। ରୋଗୀଙ୍କ ଅସୁବିଧାକୁ ନଜରରେ ରଖି ଛାତ୍ରଛାତ୍ରୀ ଅତ୍ୟାବଶ୍ୟକ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ବିଗତ ୭ଦିନ ଦିନ ଧରି ଛାତ୍ରଛାତ୍ରୀମାନେ କଳା ବ୍ୟାଚ ପିନ୍ଧି ଏହାର ପ୍ରତିବାଦ କରି ଆସୁଥିଲେ। ପଶ୍ଚିମ ଓଡ଼ିଶା ସହ ରାଜ୍ୟ ବାହାରର ରୋଗୀ ନିର୍ଭର କରନ୍ତି। ଏହି ସେବା ପାଇଁ ରୋଗୀଙ୍କୁ ପ୍ରାଇଭେଟ ହସ୍ପିଟାଲ ଉପରେ ନିର୍ଭର କରିବାକୁ ପଡୁଛି। ଓଟି, ଆଇସିୟୁ କମ୍ପ୍ଲେକ୍ସ ୫ ବର୍ଷ ହେଲା ତିଆରି ହୋଇ ସାରିଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ରୋଗୀଙ୍କ ପାଇଁ ଇଲେକ୍ଟ୍ରିକ ଭେଇକିଲ ସେବା ନାହିଁ କି ମେଡିକାଲରେ ସିସିଟିଭି ବ୍ୟବସ୍ଥା ନାହିଁ। ଏହା ଫଳରେ ରୋଗୀମାନେ ଗୋଟିଏ ୱାର୍ଡରୁ ଅନ୍ୟ ୱାର୍ଡକୁ ଯିବା ଆସିବାରେ ଅସୁବିଧା ହେଉଛି ଭଳି ଅଭିଯୋଗ କରୁଥିଲେ।



## ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ବିଶ୍ୱ ଖାଉଟି ଅଧିକାର ଦିବସ

**ସମ୍ବଲପୁର, ୧୬।୩(ସମିସ):** ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ ହୋଇଯାଇଛି। ସଭାପତି ଅଶୋକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ବଲପୁର ଜିଲ୍ଲା ଖାଉଟି ବିବାଦ ନିବାରଣ ଆୟୋଗର ସଭାପତି ଡ. ରମାକାନ୍ତ ଶତପଥି ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ, ଦେଖିବାକୁ ଗଲେ ସମଗ୍ର ପୃଥିବୀ ବର୍ତ୍ତମାନ ମଧ୍ୟ ପୁଞ୍ଜିବାଦ କବଳରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇପାରି ନାହିଁ। ଉପଭୋକ୍ତାର ଲଢେଇ ସେହି ପୁଞ୍ଜିବାଦର ବିରୋଧରେ ରହିଛି। ଏଥିରେ ତାଙ୍କ ସହାୟତା ନିମନ୍ତେ ପ୍ରଣିତ ଆଇନ ମଧ୍ୟ ଦିନକୁ ଦିନ ଦୃଢିଭୂତ ହେବାରେ ଲାଗିଲାଣି। ଆଜି ଏହି ଆଇନ କୌଣସି ନିର୍ଦ୍ଦିଷ୍ଟ ଦେଶର ସୀମାରେ ଆବଦ୍ଧ ହୋଇ ରହିନାହିଁ। ଉପଭୋକ୍ତା ଏହାର ଲାଭ ଉଠାଇବା ଉଚିତ। ଯେଉଁ ଦେଶର ଖାଉଟି ଯେତେ ସଚେତନ ସେ ଦେଶର ଆର୍ଥିକ ଅଭିବୃଦ୍ଧି ସେତେ ବେଶୀ ସମୃଦ୍ଧ। ତେଣୁ ଖାଉଟିମାନେ ଏହାକୁ ଗୁରୁତ୍ୱ ଦେବା ଉଚିତ। ଦେଶର ଉନ୍ନତି ଆମ ହାତରେ ଅଛି ବୋଲି କହିଥିଲେ। ମୁଖ୍ୟ ବକ୍ତା ବିଶିଷ୍ଟ ଆଇନଜୀବୀ ବିଜୟ ପୁରୋହିତ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସମ୍ପ୍ରତି ଖାଉଟିମାନଙ୍କ ଅଧିକାରକୁ ନେଇ ବିଭିନ୍ନ ଦେଶରେ ସଚେତନତା ଆସିବାରୁ ବିଭିନ୍ନ ଆଇନମାନ ପ୍ରଣୟନ ହେଲାଣି। ଭାରତରେ ଉପଭୋକ୍ତା ଆଇନରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଲାଣି। ତେବେ ଏହା କେବଳ ପ୍ରଚାରଧର୍ମୀ ନହୋଇ ପ୍ରୟୋଗଧର୍ମୀ ହେବା ଉଚିତ। ତେଣୁ ଏଥିସକାଶେ ସମୁଚିତ ସାମାଜିକ ସଚେତନତା ଲୋଡ଼ା। ଜନସାଧାରଣ ମଧ୍ୟ ସେମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯାଇଥିବା ଉପଭୋକ୍ତା ଆଇନ ଗୁଡ଼ିକ ପ୍ରତି ଭଲ ଭାବରେ ସୂଚୀତ ହେବା ଉଚିତ। ବିଶ୍ୱ ଉପଭୋକ୍ତା ସଚେତନତାକୁ ନେଇ ଚଳିତ ବର୍ଷର ଅନୁଚିନ୍ତା 'ଆର୍ଟିଫିସିଆଲ ଇଣ୍ଟେଲିଜନସ'କୁ ନେଇ ଆସିଛି। ଯାହା ଉପରେ ସମଗ୍ର ବିଶ୍ୱରେ ଗମ୍ଭୀର ଭାବରେ ବିଚାରବିମର୍ଷ ଆରମ୍ଭ ହୋଇଗଲାଣି। ତେଣୁ ଖାଉଟି ସୁରକ୍ଷା ଓ ଉପଭୋକ୍ତା ଆଇନର ପରିସର ଅତ୍ୟନ୍ତ ବିସ୍ତୃତ ଓ ବ୍ୟାପକ। ଏହି ଅବସରରେ ସଚେତନ ଉପଭୋକ୍ତା ଭାବରେ ଶଶାଙ୍କ ଶେଖର ମାଝୀ ଏବଂ ସାମ୍ବାଦିକ ପ୍ରଫୁଲ୍ଲ କୁମାର ଦାଶଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ସାଂସ୍କୃତିକ ସମାଜର ଖାଉଟି ସୁରକ୍ଷା ଉପସମିତିର ଆବାହକ ଅଖିଳ ରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ସହସମ୍ପାଦକ ସୁରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା, କୋଷାଧ୍ୟକ୍ଷ ଦୀନବନ୍ଧୁ ପଣ୍ଡା, ସଭ୍ୟ ଲଳିତ ମୋହନ ବେବର୍ତ୍ତା, ସବ୍ୟସାଚୀ ମିଶ୍ର, ଦିଲୀପ କୁମାର ବଘାର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ୪କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ସମ୍ବଲପୁର, ୧୬।୩(ସମିସ):** ରେଢାଖୋଲ ଷ୍ଟେସନରୁ ମଧ୍ୟପ୍ରଦେଶ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। ଜିଆରପି ଖବର ପାଇ କନ୍ଧମାଳର ମାନସ କନହାରକୁ ଗିରଫ କରି ୪ କେଜି ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତ ଗଞ୍ଜେଇ ମଧ୍ୟପ୍ରଦେଶକୁ ନେଇ ଯାଉଥିବା କହିଛି। ହେଲା କାହ ପାଖରୁ ନେଉଥିଲା ସେ ବିଷୟରେ ତଥ୍ୟ କିଛି ଦେଇନାହିଁ।

## କବାଟ ଭାଙ୍ଗି ଘରୁ ଚୋରି

ସମ୍ବଲପୁର, ୧୬।୩(ସମିସ): ଧନୁପାଲି ଥାନା ସିଟି ଷ୍ଟେସନ ରେଲୱେ କୋଲନୀର ଚୁମକୀ ଲତା ହେମରମଙ୍କ ଘରୁ ସୁନା ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଚୁମକୀ ଘରୁ ଦିନ ୪ଟା ବେଳେ ଚର୍ଚ୍ଚ ଯାଇଥିଲେ। ସନ୍ଧ୍ୟାରେ ଫେରିବା ବେଳେ କବାଟ ଆଲମାରି ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ଆଲମାରିରୁ ସୁନା ଚେନ ୨ଟି, ମୁଦି ୨ଟି, କାନ ଫୁଲ ୪ଟି ସହ ୧୦ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ କରିଛନ୍ତି। ଧନୁପାଲି ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ରେମେଡ଼ରେ ୪ର୍ଥ ଚାମ୍ପିଅନ୍ ଟ୍ରଫି ଉଦ୍‌ଘାଟିତ



**ସମ୍ବଲପୁର, ୧୬।୩(ସମିସ):** ରେମେଡ ଖେଳ ପଡ଼ିଆରେ ପାଞ୍ଚ ଦିନିଆ ଚତୁର୍ଥ ଚାମ୍ପିଅନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଦଳ ଭାଗ ନେବେ। ଉଦଘାଟନୀ ମ୍ୟାଚ ସୁପର୍ ଇଲେଭେନ୍ ରେମେଡ ଦଳ ଓ ଧନକଉଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ପୂର୍ବରୁ ମାଁ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହା ସହ ନିକଟରେ ଆକସ୍ମିକ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁ ବରଣ କରିଥିବା ଆଇନଜୀବୀ ସୂରଜ ବିଶ୍ୱାଳଙ୍କ ସ୍ମୃତିରେ ଏକ ମିନିଟ ନୀରବ ପ୍ରାର୍ଥନା କରିବା ସହ ସ୍ମୃତି ଚାରଣ କରିଥିଲେ। ଉଦଘାଟନୀ ସମାରୋହରେ ଜିଲ୍ଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ବିଶିକେଶନ ଓରାମ, ଜିଲ୍ଲା ଯୁବ ସମ୍ପାଦକ ବୁଲୁ ନାୟକ, ବରିଷ୍ଠ ନାଗରିକ ଦିଲ୍ଲିପ ଚୌବେ, ସୁଧାଂଶୁ ଦୁବେ, ଦେବାଶିଷ ପାଣ୍ଡେ, ସୁରଥ ମହାନ୍ତି, ରାମ ଭୋଇ, ପଞ୍ଚାନନ ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ଗୋବର୍ଦ୍ଧନ ମଲ୍ଲିକ, ସରୋଜ ଭୋଇ, ଲିପୁନ ପ୍ରଧାନ, ଲୋକେଶ କୁମାର ପାଣ୍ଡେ, ଆଦିତ୍ୟ ନିତି, ରାଜା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ପ୍ରସନ୍ନ ଆଚାର୍ଯ୍ୟଙ୍କ ଆରୋଗ୍ୟ କାମନା କରି ବିଭିନ୍ନ ସ୍ଥାନରେ ଦୀପ ପ୍ରଜ୍ୱଳନ



ହୁମା ବିମଳେଶ୍ୱର ବାବା ମନ୍ଦିର



ପଡିଆବାହାଲ ଶିବ ମନ୍ଦିର

**ସମ୍ବଲପୁର, ୧୬।୩(ସମିସ)**

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଆଶୁ ଆରୋଗ୍ୟ କାମନା କରି ଆଜି ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ ସନ୍ଧ୍ୟା ୫.୩୦ମି ସମୟରେ ମା ସଲେଶ୍ୱରୀଙ୍କ ମନ୍ଦିରରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରସନ୍ନ ଆଚାର୍ଯ୍ୟଙ୍କ ଶୁଭେଚ୍ଛୁ ତଥା ବିଜେଡିର ବରିଷ୍ଠ ନେତା ଓ କର୍ମୀମାନେ ଉପସ୍ଥିତି ରହି ଆଶୁ ଆରୋଗ୍ୟ ପାଇଁ ମାଙ୍କୁ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ବରିଷ୍ଠ ବିଜେଡି ନେତା ଅଶୋକ ସେନାପତି, ଗୋକୁଳ ମେହେର, ହୀରାଲାଲ ବେହେରା, ମନୋଜ ମହାପାତ୍ର, ଖରାଂଶୁ ଶେଖର ଦେବ, ପ୍ରଶାନ୍ତ ଥାପା, ପ୍ରଫୁଲ୍ଲ ଦାଶ, ଆର ଏ ଶିବ କୁମାର, ସତ୍ୟନ୍ଦ୍ର ଦାଶ, ଦୁଲାଲ ଚନ୍ଦ୍ର ରାୟ, ଅଜୟ ମହାରଣା, ଗୋପାଳ ପୁସେଠ୍, ବିଶ୍ୱାମିତ୍ର ସାହୁ, ସହଦେବ ଗୁରୁ, ହରେକୃଷ୍ଣ ସରାଫ, ରବୀନ୍ଦ୍ର ସିଂହ, ମାୟାଧର ଜେନା, ଜୟକୃଷ୍ଣ ବେହେରା, ବିଜୟ ସ୍ୱାଇଁ, ରାଜ କୁମାର ସାହୁ, ବିଜୟ ସାହୁ, ସରସ୍ୱତୀ ଭୋଇ, ବାଦଲ ବାରିକ, ବିନୋଦ ନାଗ, ସୁବାସିନୀ ନାଗ, ସରସ୍ୱତୀ ବେହେରା, ଭକ୍ତ ଚରଣ ଦାସ ପ୍ରମୁଖ ସାମିଲ ଥିଲେ। ପଡ଼ିଆବାହାଲ ସ୍ଥିତ ଶିବ ମନ୍ଦିରରେ ମଧ୍ୟ ଦୀପ ପ୍ରଜ୍ୱଳନ କରାଯାଇଛି। ସେହିପରି ଧମା ଅଞ୍ଚଳର ବିଜୁ ଜନତା ଦଳର ଯୁବ ନେତା ମା ଝାଡେଶ୍ୱରୀ ମନ୍ଦିରରେ ଦୀପ ପ୍ରଜ୍ୱଳନ କରାଯାଇ ଆଶୁ କାମନା କରିଛନ୍ତି। ଏହି ଅବସରରେ ଧମା ଅଞ୍ଚଳର ମାନସ ରଞ୍ଜନ ବେହେରା, ପରାଗ ମହନ୍ତ, ଦିଲୀପ ପ୍ରଧାନ, ରିସିତ ସରଙ୍ଗୀ, ଦେବାଶିଷ ପଟ୍ଟନାୟକ, ମିଳନ ଭୋଇ, ନରେଶ ସେଟ୍, ଅମିତାବ ପଣ୍ଡା, ନୀଳମଣି କଠାର, ତରଣୀ ସେନ ମିର୍ଧାଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ। ହୁମା ପଞ୍ଚାୟତ ବିମଳେଶ୍ୱର ମନ୍ଦିରରେ ମଧ୍ୟ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା କରାଯାଇଛି।


ଧମା ମାଁ ଝାଡେଶ୍ୱରୀ ମନ୍ଦିର



ମାଁ ସମଲେଶ୍ୱରୀ ମନ୍ଦିର

## ସାକ୍ଷୀଗୋପୀନାଥ ମଣ୍ଡଳରେ ବିଜେପିର କାର୍ଯ୍ୟକ୍ରମ



**ସମ୍ବଲପୁର, ୧୬।୩(ସମିସ):** ସମ୍ବଲପୁର ବିଧାନସଭାର ସାକ୍ଷୀଗୋପୀନାଥ ମଣ୍ଡଳରେ ବିଜେପିର ନାରୀ ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ସମ୍ବଲପୁର ବୃକ୍ସ ହିଲ୍ ସ୍ଥିତ ରାମ ମନ୍ଦିର ପରିସରରୁ ସହସ୍ରାଧିକ ମହିଳା ବାହାରି ସାକ୍ଷୀପଡ଼ାର ସନ୍ତୋଷୀ ମନ୍ଦିର ନିକଟବର୍ତ୍ତୀ ପ୍ରତିଭା ପଡ଼ିଆ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ପ୍ରତିଭା ପଡ଼ିଆରେ ଆୟୋଜିତ ବୈଠକରେ ପ୍ରଧାନମନ୍ତ୍ରୀ ମହିଳାମାନଙ୍କ ପାଇଁ କରୁଥିବା ବିଭିନ୍ନ ଯୋଜନା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ୧୦ବର୍ଷ କାର୍ଯ୍ୟକାଳ ମଧ୍ୟରେ ଅନେକ ମହିଳା କୈନ୍ଦ୍ରୀକ ଯୋଜନା ମାଧ୍ୟମରେ ଭାରତୀୟ ମହିଳା ଶକ୍ତିକୁ ବିକାଶର ମୁଖ୍ୟ ସ୍ରୋତରେ ପ୍ରଧାନ ମନ୍ତ୍ରୀ ନିଶ୍ଚିତ ରୂପେ ସାମିଲ କରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମ୍ବଲପୁର ଲୋକସଭା ସଂଯୋଜକ ତଥା ଜିଲ୍ଲା ସଭାପତି ଗିରିଶ ପଟେଲ, ସାକ୍ଷୀଗୋପୀନାଥ ମଣ୍ଡଳ ସଭାପତି ସରୋଜ ଘଡେଇ, ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ଅର୍ଣ୍ଣପୂର୍ଣ୍ଣା ବାରିକ, ଲୋକସଭା ପ୍ରଭାରୀ ମୁକ୍ତା ସାହୁ, ମହିଳା ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦିକା ରଶ୍ମୀରେଖା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

